

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୨ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 02 June 2024

Vol.No. 35 ■ No.147 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସରିଲା ଭୋଟ, ଆସିଲା ଏକଜିଟ ପୋଲ: ମୋଦି ମାରିବେ ହ୍ୟାଟ୍ରିକ

## ଓଡ଼ିଶାରେ ବିଜେପି ଜିତିବ ୧୫ରୁ ୧୭ଟି ଲୋକସଭା ଆସନ



| | | | |
|---|---|---|---|
| ଇଣ୍ଡିଆ ଟିଭି | ୧୫-୧୭ | ୪-୬ | ୦-୧ |
| ଏନଡି ଟିଭି | ୧୫ | ୩-୮ | ୦୦ |
| ଏବିପି-ସି | ୧୭-୧୯ | ୧-୩ | ୦-୨ |
| ଜନ୍ କି ବାତ | ୧୫-୧୮ | ୩-୭ | ୦୦ |
| ଇଣ୍ଡିଆ ନ୍ୟୁଜ୍ | ୧୩ | ୮ | ୦୦ |




ନୂଆଦିଲ୍ଲୀ/ଭୁବନେଶ୍ୱର, ୧/୬ : ଶେଷ ହୋଇଛି ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ। ଦେଶରେ ୫୪୩ ଲୋକସଭା ଆସନ ଓ କିଛି ରାଜ୍ୟର ବିଧାନସଭା ଆସନ ପାଇଁ ଲୋକମାନେ ଦେଇଛନ୍ତି ଭୋଟ। ମୋଟ ୭ଟି ପର୍ଯ୍ୟାୟରେ ଭୋଟିଂ କରି ଦେଶର ଜନତା ଆସନ୍ତା ୫ ବର୍ଷ ପାଇଁ ନିଜର ସରକାରଙ୍କୁ ବାଛି ସାରିଛନ୍ତି। ୭ମ ପର୍ଯ୍ୟାୟ ଭୋଟିଂ ଶେଷ ହେବା ସହ ୮ ହଜାରରୁ ଅଧିକଙ୍କ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ପାଇଁ ମତଦାନ ହୋଇଥିବା ବେଳେ ଆଜି ମେ' ୧ ତାରିଖରେ ସପ୍ତମ ପର୍ଯ୍ୟାୟ ଭୋଟିଂ ହୋଇଛି। ଭୋଟିଂ ଶେଷ ହୋଇଥିବା ବେଳେ ଆସନ୍ତା ୪ ତାରିଖରେ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ। ତେବେ ଭୋଟିଂ ଶେଷ ହେବା ମାତ୍ରେ ବିଭିନ୍ନ ନ୍ୟୁଜ ଏଜେନ୍ସି ପକ୍ଷରୁ କରାଯାଇଥିବା ବୁଥ ବାହୁଡ଼ା ମତ ବା ଏକଜିଟ ପୋଲ ରେଜଲ୍ଟ ସାମ୍ନାକୁ ଆସିଛି। ଅଧିକାଂଶ ଏକଜିଟ ପୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇତିହାସ ରଚିବାକୁ ଯାଉଥିବା ଆକଳନ କରିଛନ୍ତି। ଏହାର ଅର୍ଥ ବିଜେପି ନେତୃତ୍ୱାଧୀନ ଏନଡିଏ ହ୍ୟାଟ୍ରିକ ବିଜୟ ହାସଲ କରିବ ବୋଲି ଏକଜିଟ ପୋଲରୁ ସ୍ପଷ୍ଟ ହୋଇଛି। ତେବେ ବିଜେପି ଦେଇଥିବା ୪୦୦ ପାର ନାରା ଫେଲ ମାରିବ ବୋଲି ଏକଜିଟ ପୋଲରେ କୁହାଯାଇଛି। ସେହିପରି କଂଗ୍ରେସ ସମେତ ଏକାଧିକ ବିରୋଧୀ ଦଳଗୁଡ଼ିକ ୨୦୧୯ ଅପେକ୍ଷା ଏଥର ଭଲ ପ୍ରଦର୍ଶନ କରିବେ। ୨୦୧୯ରେ କଂଗ୍ରେସ ମାତ୍ର ୫୨ଟି ଓ ୟୁପିଏ ୯୧ଟି ସିଟ ଜିତିଥିଲା। ହେଲେ ଏଥର ଇଣ୍ଡିଆ ମେଣ୍ଟ ୧୫୦ରୁ ଅଧିକ ଆସନ ଜିତିବାକୁ ଯାଉଥିବା ଏକଜିଟ ପୋଲରେ କୁହାଯାଇଛି। ଦେଶରେ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୨୭୨।

➩ଜନ୍ କି ବାତ୍‌ର ତଥ୍ୟ ଅନୁଯାୟୀ ଏନଡିଏ ୩୬୨ରୁ ୩୯୨, ଇଣ୍ଡିଆ ୧୪୧-୧୬୧ ଓ ଅନ୍ୟାନ୍ୟ ଦଳ ୧୦-୨୦ ଆସନ ଜିତବେ।

➩ରି ପବ୍ଲିକ ଭାରତ-ପି ଏମଆରକ୍ୟୁର ଏକ୍‌ଜିଟ୍ ପୋଲ ତଥ୍ୟ ଅନୁଯାୟୀ ବିଜେପି ନେତୃତ୍ୱାଧୀନ ଏନଡିଏ ୩୫୯, କଂଗ୍ରେସ ବା ଇଣ୍ଡିଆ ମେଣ୍ଟ ୧୫୪ ଓ ଅନ୍ୟାନ୍ୟ ଦଳ ୩୦ଟି ଆସନ ଜିତିବେ।

➩ଇଣ୍ଡିଆ ନ୍ୟୁଜ-ଡି ଡାଇନାମିକାର ଏକଜିଟ ପୋଲରେ କୁହାଯାଇଛି ଯେ ଏନଡିଏ ୩୭୧, ଇଣ୍ଡିଆ ୧୨୫ ଓ ଅନ୍ୟାନ୍ୟ ଦଳ ୪୭ଟି ଆସନରେ ।

➩ମେଟ୍ରିଜେ କହିଛି ଯେ ଏନଡିଏ ୩୫୩ରୁ ୩୬୮, ଇଣ୍ଡିଆ ୧୧୮ରୁ ୧୩୩ ଓ ଅନ୍ୟାନ୍ୟ ଦଳ ୪୩ରୁ ୪୮ ଆସନ ଜିତିବେ।

➩ଟିଭି ୫ ତେଲୁଗୁର ସର୍ଭେରୁ ଜଣାପଡ଼ିଛି ଯେ ଏନଡିଏ ୩୫୯, ଇଣ୍ଡିଆ ୧୫୪ ଓ ଅନ୍ୟାନ୍ୟ ଦଳ ୩୦ଟି ଆସନରେ ବାଜିମାତ କରିବେ।

➩ଦୈନିକ ଭାସ୍କର କହିଛି ଯେ ବିଜେପି ୨୮୧ରୁ ୩୫୦, ଇଣ୍ଡିଆ ୧୪୫ରୁ ୨୦୧ ଓ ଅନ୍ୟାନ୍ୟ ଦଳ ୩୩ରୁ ୪୯ଟି ଆସନ ଜିତିବେ।

➩ଯଦି ଆମେ ପୋଲ ଅଫ ଏକଜିଟ ପୋଲ୍ସ ଦେଖିବା ତା'ହେଲେ ବିଜେପି ୩୫୮, ଇଣ୍ଡିଆ ୧୪୮ ଓ ଅନ୍ୟାନ୍ୟ ଦଳ ୩୭ଟି ଆସନ ଜିତିବେ।


## ଇଣ୍ଡିଆ ମେଣ୍ଟର ବଡ଼ ଦମ୍ଭୋକ୍ତି: ଆମେ ଜିତିବୁ ୨୯୫ରୁ ଅଧିକ ଆସନ

ନୂଆଦିଲ୍ଲୀ, ୧/୬ : କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଘରେ ବସିଥିବା ଇଣ୍ଡିଆ ମେଣ୍ଟର ବୈଠକ ଶେଷ ହୋଇଛି। ବୈଠକ ପରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଡ଼ ଦାବି କରାଯାଇଛି। ମେଣ୍ଟ ୨୦୨୪ ସାଧାରଣ ନିର୍ବାଚନରେ ୨୯୫ରୁ ଅଧିକ ଆସନ ଜିତି କେନ୍ଦ୍ରରେ ସରକାର ଗଠନ କରିବ ବୋଲି ଦାବି କରିଛି। ଏକଜିଟ ପୋଲି ଓ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ଆଜି ଇଣ୍ଡିଆ ମେଣ୍ଟରେ



ଥିବା ଦଳଗୁଡ଼ିକ ହେଭିଓ୍ୱେଟ ନେତାମାନେ ଦିଲ୍ଲୀରେ ଥିବା ଖଡଗେଙ୍କ ବାସଭବନରେ ବୈଠକ କରିଥିଲେ। ବେଶ କିଛି ଘଣ୍ଟା ଧରି ଚାଲିଥିବା ବୈଠକରେ ବିଭିନ୍ନ ପ୍ରସଙ୍ଗ ସହ ଇଣ୍ଡିଆ ମେଣ୍ଟର ଭବିଷ୍ୟତ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରାଯାଇଛି। ବୈଠକରେ ଯୋଗ ଦେଇଥିବା ସବୁ ଦଳ ୨୦୧୯ ଅପେକ୍ଷା ଭଲ ପ୍ରଦର୍ଶନ କରିବେ ଓ ବିଜେପି ▶▶ପୃଷ୍ଠା ୭

## ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ପରଲୋକ



ଭୁବନେଶ୍ୱର, ୧/୬ (ନି.ପ୍ର): ଓଡ଼ିଶାର ବିଶିଷ୍ଟ କାଠି କଣ୍ଢେଇ ନୃତ୍ୟ ଗୁରୁ ତଥା ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ପରଲୋକ ଘଟିଛି। ନିଜର ପୈତୃକ ଘର କେନ୍ଦୁଝର ଜିଲ୍ଲା ସ୍ଥିତ ବୈଦରାଜ ସାହିରେ ସେ ନିଜର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା। ଦୀର୍ଘ ଦିନରୁ ରୋଗାଗ୍ରସ୍ତ ▶▶ପୃଷ୍ଠା ୭

## ପୁରୀ ବାଣ ବିସ୍ଫୋରଣ ଘଟଣାରେ ବଢ଼ି ଚାଲିଛି ମୃତ୍ୟୁ ସଂଖ୍ୟା



ପୁରୀ, ୧/୬ (ନି.ପ୍ର): ପୁରୀ ବାଣ ବିସ୍ଫୋରଣ ଘଟଣାରେ ବଢ଼ି ଚାଲିଛି ମୃତ୍ୟୁ ସଂଖ୍ୟା। ଆଜି ଆଉ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଏହି ଘଟଣାରେ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ପ୍ରେସ୍ ରିଲିଜ୍ ଜରିଆରେ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆରସି)ଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଆଧାରରେ ଏସ୍ଆରସିଙ୍କ ତରଫରୁ ଏହି ସୂଚନା ଦିଆଯାଇଛି। ତେବେ ମୃତକଙ୍କ ନାଁ କୁହାଯାଇନାହିଁ। ଏହି ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ଯେ ଏହି ଘଟଣାରେ ଆହତ ହୋଇ ଆହୁରି ୨୧ ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସରକାରଙ୍କ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ମୃତକଙ୍କ ପରିବାର ଲୋକଙ୍କୁ ୪ ▶▶ପୃଷ୍ଠା ୭

## ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଅଗ୍ନିକାଣ୍ଡ

ପୁରୀ , ୧/୬ (ନି.ପ୍ର): ପୁରୀ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଥିବା ଅଳିଆ ଗଦାରେ ନିଆଁ ଲାଗିଯାଇଛି। କେହି ଦୁର୍ବୃତ୍ତ ଅଳିଆ ଗଦାରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଅଗ୍ନିଶମ ବାହିନୀ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଛି। ଏଥିରେ କାହାର କିଛି କ୍ଷତି ହୋଇ ନାହିଁ। ଆଜି ସକାଳେ ନାକଚଣା ଦ୍ୱାର ନିକଟରେ ଥିବା ଅଳିଆ ଗଦାରେ ନିଆଁ ଲାଗିଯାଇଥିଲା। ଶୀଘ୍ର ନିଆଁ ଚାରିଆଡେ ବ୍ୟାପି ଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ହେଲେ ଅତ୍ୟଧିକ ଧୂଆଁ ହେଉଥିବାରୁ ଅଗ୍ନିଶମ ବାହିନୀକୁ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇ ପଡ଼ିଥିଲା। ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ତେବେ କିଏ ଏହି ନିଆଁ ଲଗାଇଲା, କାହିଁକି ନିଆଁ ଲଗାଇଲା ତାହାର କାରଣ ଅସ୍ପଷ୍ଟ ରହିଛି।

## ପ୍ରିଜାଇଣ୍ଡିଂ ଅଫିସର ନିଲମ୍ବିତ

ଜଗତସିଂହପୁର , ୧/୬ (ନି.ପ୍ର): ଆଜି ଶେଷ ପର୍ଯ୍ୟାୟ ନିର୍ବାଚନ ଚାଲିଥିବା ବେଳେ ଜଗତସିଂହପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ୭୫ନଂ ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରାଯାଇଛି। ତାଙ୍କ ନାଁ ଲକ୍ଷ୍ମୀନାରାୟଣ ଦାଶ। ସେ ଜଣେ ଅଧ୍ୟାପକ। ନିର୍ବାଚନ କାର୍ଯ୍ୟରେ ଅବହେଳା କରିବା ଯୋଗୁ ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାଶଙ୍କୁ କଟକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ନିଲମ୍ବନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୭୫ ନମ୍ବର ବୁଥ୍‌ରେ ପ୍ରିଜାଇଣ୍ଡିଂ ଅଫିସର ଭାବେ ନିୟୋଜିତ ହୋଇଥିବା ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାଶ ପକ୍ଷପାତିତା କରୁଥିଲେ। ସେ ଏକ ନିର୍ଦ୍ଧିଷ୍ଟ ଦଳର ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ▶▶ପୃଷ୍ଠା ୭

## ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର, ୧/୬ (ନି.ପ୍ର): ଓଡ଼ିଶାର ବିଶିଷ୍ଟ କଣ୍ଢେଇ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ କେନ୍ଦୁଝରର କଣ୍ଢେଇ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ମାଗୁଣୀ ଚରଣ କୁଅଁରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଓଡ଼ିଶାର ପ୍ରାଚୀନ କଳା ତଥା କାଠ କଣ୍ଢେଇ ନୃତ୍ୟକଳାକୁ ବଞ୍ଚାଇ ରଖିବା ଦିଗରେ ତାଙ୍କର ପ୍ରତିବଦ୍ଧତା ଅବର୍ଣ୍ଣନୀୟ । ଆମର ଲୋକକଳାକୁ ଉଜ୍ଜିବୀତ କରିବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## କଳବଲ କରୁଛି ତାତି: ଦେଶରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୮୭କୁ ବୃଦ୍ଧି




ନୂଆଦିଲ୍ଲୀ, ୧/୬ : ୪୫ ଡିଗ୍ରୀ ସେଲସିୟସରୁ ଉର୍ଦ୍ଧ୍ୱ ତାପମାତ୍ରାରେ ସିଝୁଛି ଅଧା ଭାରତ। ହିଟ୍ ଓ୍ୱେଭ୍ କାରଣରୁ ଦେଶରେ ମୃତ୍ୟୁସଂଖ୍ୟା ୮୭ରେ ପହଞ୍ଚିଛି। ଗୋଟିଏ ଦିନରେ ଉତ୍ତର ପ୍ରଦେଶରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବିହାରରେ ପାଞ୍ଚ ଜଣ, ରାଜସ୍ଥାନ ୪ ଏବଂ ପଞ୍ଜାବରେ ଜଣଙ୍କର ଜୀବନ ଯାଇଛି। ସେହିପରି ପଶ୍ଚିମ ଓଡିଶାରେ ଉତ୍ତାପ କାରଣରୁ ୧୯ ଜଣଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିବା ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। କିନ୍ତୁ ଏନେଇ କୌଣସି ସରକାରୀ ରିପୋର୍ଟ ପ୍ରକାଶ ପାଇନାହିଁ। ନ୍ୟାସନାଲ ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ୍ (ଘଡଉଉ)ର ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୧ରୁ ଅଂଶୁଘାତ ▶▶ପୃଷ୍ଠା ୭

## କୋର୍ଟରୁ କେଜ୍ରିଓ୍ୱାଲଙ୍କୁ ମିଳିଲାନି ଆଶ୍ୱସ୍ତି: ଆଜି ଯିବେ ଜେଲ୍



ନୂଆଦିଲ୍ଲୀ, ୧/୬ : ଆଜି ବି ନିରାଶ ହେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ। ଅନ୍ତରୀଣ ଜାମିନ ଆବେଦନ ସପ୍ତାହେ ବୃଦ୍ଧି କରିବା ପାଇଁ କରିଥିବା ଆବେଦନ ଉପରେ ଆଜି ବି ଆସିପାରିଲାନି ରାୟ। ଫଳରେ ଆସନ୍ତାକାଲି (ଜୁନ୍ ୨)ରେ କେଜ୍ରିଓ୍ୱାଲଙ୍କୁ ତିହାର ଜେଲ୍ ଫେରିବାକୁ ପଡ଼ିବ। ପ୍ରକାଶ ଥାଉକି, ମେଡିକାଲ୍ ଆଧାରରେ କେଜ୍ରିଓ୍ୱାଲ ମଧ୍ୟବର୍ତ୍ତୀକାଳୀନ ଜାମିନକୁ ଆଉ ୭ ଦିନ ବୃଦ୍ଧି କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। କିନ୍ତୁ ସର୍ବୋଚ୍ଚ ଅଦାଲତ ଏ ଉପରେ ତୁରନ୍ତ ଶୁଣାଣି କରିପାରିବେ ନାହିଁ ବୋଲି ମନା କରିଦେଇଥିଲେ। ଏହାପରେ ତଳ କୋର୍ଟକୁ ଯାଇଥିଲେ କେଜ୍ରିଓ୍ୱାଲ। ଗତକାଲି ଓ ଆଜି ବିଚାର କରିବା ପରେ ରାୟ ସଂରକ୍ଷିତ ରଖିଛନ୍ତି କୋର୍ଟ। ପରବର୍ତ୍ତୀ ସମୟରେ ଏ ଉପରେ ରାୟ ଆସିବ। କିନ୍ତୁ ଆଜି କେଜ୍ରିଓ୍ୱାଲଙ୍କ ଜାମିନ କଣ୍ଟ ସରୁଥିବାରୁ ଆସନ୍ତାକାଲି ତାଙ୍କୁ ଜେଲରେ ହାଜର ହେବାକୁ ପଡ଼ିବ। ଦିଲ୍ଲୀ ମଦ ନୀତିରେ ଅର୍ଥ ହେରଫେର ମାମଲାରେ କେଜ୍ରିଓ୍ୱାଲଙ୍କୁ ମାର୍ଚ୍ଚରେ ଗିରଫ କରାଯାଇଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଛି।

## ଭୋଟ ବେଳେ ଅଘଟଣ: ଟଳି ପଡ଼ିଲେ ବିଏଲଓ

ଯାଜପୁର, ୧/୬ (ନି.ପ୍ର): ନିର୍ବାଚନ ଡ୍ୟୁଟିରେ ଥିବା ବେଳେ ଜଣେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ଯାଜପୁର ଜିଲ୍ଲା ବିଞ୍ଝାରପୁର ଓଳେଇଚନ୍ଦନପୁର ୧୫୭ନଂ ବୁଥ୍‌ରେ ତାଙ୍କୁ ନିୟୋଜିତ କରାଯାଇଥିଲା। ତାଙ୍କ ନାଁ ମନୋରଞ୍ଜନ ସାହୁ। ସେ ଜଣେ ସହକାରୀ ଶିକ୍ଷକ ଥିଲେ। ବିଞ୍ଝାରପୁର ଓଳେଇଚନ୍ଦନପୁର ୧୫୭ନଂ ବୁଥ୍‌ରେ ମନୋରଞ୍ଜନ ନିର୍ବାଚନ ଡ୍ୟୁଟିରେ ଥିଲେ। ହଠାତ୍ ସେ ଅଚେତ ▶▶ପୃଷ୍ଠା ୭

# ୩ବର୍ଷ ହେବ ବଣ୍ଟା ହୋଇନି: ୮ କୋଟିର ଭେଣ୍ଡିଂଜୋନ୍ କେଉଁ କାମକୁ ?

କଟକ, ୧/୬ (ନି.ପ୍ର): ପ୍ରଥମେ ଥଇଥାନ କରି ପରେ ଉଚ୍ଛେଦ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ହେଲେ, କଟକ ପୌର ନିଗମ କର୍ତ୍ତୃପକ୍ଷ ଗୋଟିଏପଟେ କୋଟି କୋଟି ଟଙ୍କା ବ୍ୟୟରେ ଭେଣ୍ଡିଂ ଜୋନ ନିର୍ମାଣ କରି ତାହାକୁ ପକାଇ ରଖିଛନ୍ତି, ଅନ୍ୟପଟେ ସେଠାରେ ଥଇଥାନ ନ କରି ରାସ୍ତା ପାର୍ଶ୍ୱରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରି ଚାଲିଛନ୍ତି। ଏଭଳି ଘଟଣା ଏବେ ପ୍ରତିକ୍ରିୟାର କାରଣ ହୋଇଛି। ତଥ୍ୟ ଅନୁଯାୟୀ କଟକର ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବା ପାଇଁ ଗତ ୪ ବର୍ଷ ମଧ୍ୟରେ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ୫ ହଜାରରୁ ଅଧିକ କ୍ଷୁଦ୍ର ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ସେମାନଙ୍କୁ ଥଇଥାନ କରିବା ପାଇଁ ପୌର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୪ ବର୍ଷରେ ୧୨ଟି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି। ୮ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଭେଣ୍ଡିଂ ଜୋନ୍‌ର ବହୁ ଦୋକାନଘର କିନ୍ତୁ ଆବଣ୍ଟନ ନହୋଇ ପଡ଼ିରହିଛି। ଦୀର୍ଘବର୍ଷ ଧରି ବ୍ୟବହାର ନହୋଇ ପଡ଼ିରହିଥିବା ଘରଗୁଡ଼ିକୁ ନଷ୍ଟ ହେବାକୁ ବସିଲାଣି। ପୌର ନିଗମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଭେଣ୍ଡିଂ ଜୋନ୍



ବଣ୍ଟନ ଦିଗରେ ଉଦ୍ୟମ କରାଯାଉ ନଥିବା ବେଳେ ବହୁ ଉଠାଦୋକନୀ ଏଥିରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ପୌର ନିଗମ ଅଞ୍ଚଳରେ ଭେଣ୍ଡିଂ ଜୋନ୍ ନିର୍ମାଣ କରି ସହର ମଧ୍ୟରୁ ଉଚ୍ଛେଦ ହେଉଥିବା ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ୨୦୧୯ରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ନିଗମ ପକ୍ଷରୁ 'ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ' (ମୁକ୍ତା) ଯୋଜନାରେ ୨୦୨୧ରେ ୧୨ଟି ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଗଲା। ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଥିବା ଅଞ୍ଚଳରେ ପୂର୍ବରୁ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ବେପାରୀଙ୍କୁ ଏଠାରେ ସ୍ଥାନ ଦେବାକୁ ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ ହୋଇଥିଲା। ଯୋଗ୍ୟ ଉଠାଦୋକାନୀ ୫ ହଜାର ଟଙ୍କା ଦେଇ ଭେଣ୍ଡିଂ ଜୋନ୍‌ରେ ଦୋକାନଘର ନେବା ସହ ମାସକୁ ୫ଶହ ଟଙ୍କା ନିଗମକୁ ଭଡ଼ା ସୂତ୍ରରେ ଦେବାକୁ କୁହାଯାଇଥିଲା। ସହର ମଧ୍ୟରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ୍ ମଧ୍ୟରୁ ବିଡ଼ାନାସୀ ବନ୍ଧ ଛକରେ ୧୩ ଓ ସିଡ଼ିଏ ସେକ୍ଟର-୬ସ୍ଥିତ ପେଟାନାଳ ନିକଟରେ ୨୨ଟି ଦୋକାନଘର ନିର୍ମାଣ କରାଯାଇଛି। ନିଗମର ଅନ୍ୟ ୧୦ଟି ଭେଣ୍ଡିଂ ଜୋନ୍‌ରେ ଥିବା କିଛି ଦୋକାନକୁ ଉଠାଦୋକାନୀଙ୍କୁ ପ୍ରଦାନ କରାଯାଇଛି। ମାତ୍ର ବିଡ଼ାନାସୀ ବନ୍ଧ ଛକ ଓ ପେଟାନାଳ ନିକଟରେ ହୋଇଥିବା ଭେଣ୍ଡିଂ ଜୋନ୍‌ର ୩୫ଟି ଦୋକାନ ଘରକୁ ଏବେ ସୁଦ୍ଧା ବ୍ୟବସାୟୀଙ୍କୁ ପ୍ରଦାନ କରାଗଲା ନାହିଁ। ୩ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ଭେଣ୍ଡିଂ ଜୋନ୍ ବ୍ୟବହାର ନହୋଇ ପଡ଼ି ରହିବାରୁ ସେଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ଦେଢ଼କୋଟିରୁ ଅଧିକ ଟଙ୍କାରେ ନିର୍ମାଣ ହୋଇଥିବା ୨ଟି ଭେଣ୍ଡିଂ ଜୋନ୍ ବ୍ୟବହାର ନହୋଇ ନଷ୍ଟ ହେବା ଘଟଣାକୁ ନେଇ ଉଠାଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

# ସାର୍ବଜନୀନ ହେଲା ଐତିହାସିକ ତଥ୍ୟ: ୧୩୦ ବର୍ଷ ତଳେ ଶ୍ରୀକ୍ଷେତ୍ରକୁ ଖୋଲିଥିଲା ରେଳପଥ

ପୁରୀ, ୧/୬ (ନି.ପ୍ର): ୧୮୮୭ ମସିହା ମେ' ୨୫ ତାରିଖ। ଭାରତ ବ୍ରିଟିସ ଶାସନାଧୀନ ଥିବା ସମୟରେ ମ୍ୟାକଲିନ୍ ଆଣ୍ଡ୍ କମ୍ପାନିର 'ସାର ଜନ୍ ଲରେନ୍ସ' ବାଷ୍ପୀୟ ପାଣିଜାହାଜରେ ଶ୍ରୀକ୍ଷେତ୍ରକୁ ବୁଲିବାକୁ ଆସୁଥିଲେ ୭୬୨ ତୀର୍ଥଯାତ୍ରୀ। ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ମହିଳା ଓ ଶିଶୁ। ୬ ଇଂରେଜଙ୍କ ସହ ୩୦ ଜଣ କର୍ମଚାରୀଙ୍କ ସହ ଜାହାଜ ବଙ୍ଗୋପସାଗରରେ ଜଳଯାତ୍ରା ଆରମ୍ଭ କରିଥିଲା। ଯାତ୍ରା ଆରମ୍ଭର ମାତ୍ର ଦୁଇଘଣ୍ଟା ମଧ୍ୟରେ ଜାହାଜଟି ବୁଡ଼ିଯାଇଥିଲା। ଏଥିରେ ଥିବା ସମସ୍ତ ତୀର୍ଥଯାତ୍ରୀ ସଲିଳ ସମାଧି ନେଇଥିଲେ। ଏ ଘଟଣା ପରେ 'ବଙ୍ଗବାସୀ' ଖବରକାଗଜର ବ୍ରିଟିସ ସରକାରଙ୍କୁ ଖୋଲା ସମାଲୋଚନା ଓ ସାଧାରଣ ଲୋକଙ୍କ ହୋହଲ୍ଲା ପରେ ୧୮୮୯ ମସିହାରେ ପୁରୀ ପର୍ଯ୍ୟନ୍ତ ରେଲଲାଇନ୍ ନିମନ୍ତେ ସର୍ଭେ କରିବାକୁ ମଞ୍ଜୁରି ମିଳିଥିଲା। ଏଇଠାରୁ ଶ୍ରୀକ୍ଷେତ୍ର ତଥା ଓଡ଼ିଶାକୁ ରେଳପଥ ସଂପ୍ରସାରଣର ଯାତ୍ରା ଆରମ୍ଭ ହୋଇଥିଲା ବୋଲି ଗବେଷକ ଅନିଲ ଧୀର କହିଛନ୍ତି। ଏ ସମ୍ପର୍କିତ ଐତିହାସିକ ତଥ୍ୟକୁ ସାର୍ବଜନୀନ କରି ଶ୍ରୀ ଧୀର କହିଛନ୍ତି, କୋଲକାତା ଧର୍ମସଭାରେ ଅଭୟ ମିଳିଥିଲା ଯେ



ରେଳଯାତ୍ରା ଦ୍ୱାରା ଜାତି, ଧର୍ମ ଯିବାର ଭୟ ନାହିଁ। ତେଣୁ ଭାରତରେ ସେଇସମୟରେ ଦୁଇ ପ୍ରମୁଖ ବ୍ରିଟିସ ରେଳବାଇ ନିର୍ମାଣକାରୀ ସଂସ୍ଥା, ମାର୍ସମ୍ୟାନ୍ ଓ ଷ୍ଟିଫେନସନ ୧୮୬୦ ମସିହାରୁ ଓଡ଼ିଶାରେ ରେଳଧାରଣାର ଯୋଜନା କରିଥିଲେ। ସେଇସମୟରୁ ବହୁ ବଙ୍ଗୀୟ ତୀର୍ଥଯାତ୍ରୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସୁଥିବାରୁ ହାଓ୍ୱଡ଼ା-ପୁରୀ ମଧ୍ୟରେ ରେଳପଥ ନିର୍ମାଣ ପାଇଁ କଟକ ଅଧିବାସୀ ଏକ ଦରଖାସ୍ତ ଲେଖିଥିଲେ। କିନ୍ତୁ, ୧୮୬୬ ମସିହାରେ ତତ୍କାଳୀନ ପ୍ରଶାସନ ଏହାକୁ ଖାରଜ କରିଦେଇଥିଲେ। ୧୮୭୪ରୁ ୧୮୭୮ରେ ମଧ୍ୟ ଆଉ ଥରେ ପ୍ରାର୍ଥନା କରାଯାଇଥିଲା। ୧୮୮୧ ମସିହାରେ ସେତେବେଳର ବିଶିଷ୍ଟ ଜମିଦାର ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ଗଠିତ ବାଲେଶ୍ୱର ରେଲୱେ କମିଟି ମଧ୍ୟ ପୁଣି ଏନେଇ ପ୍ରସ୍ତାବ ଦେଇଥିଲେ। କୋଲକାତା-ମାନ୍ଦ୍ରାଜ ଭିତରେ ରେଳପଥର ଏକ ଶାଖା ଶ୍ରୀକ୍ଷେତ୍ରକୁ ସ୍ପର୍ଶ କରିବା ପାଇଁ ପ୍ରସ୍ତାବ ରହିଥିଲା। ଶ୍ରୀ ଦେ ସେତେବେଳେ କହିଥିଲେ ବାର୍ଷିକ ୫ରୁ ୬ଲକ୍ଷ ବଙ୍ଗୀୟ ହିନ୍ଦୁଯାତ୍ରୀ ପୁରୁଷୋତ୍ତମ ଯାଉଥିବାରୁ ରେଳଲାଇନରେ ନିବେଶ କଲେ ଖୁବ ଲାଭ ମିଳିବ। ଆର୍ଥିକ ସ୍ୱଚ୍ଛଳତା ବଢ଼ିବା ସହ ହଇଜା ଓ ସଂକ୍ରମଣ ଲାଘବ ହେବ। ତେବେ ୧୮୮୭ ମସିହାରେ ସାର ଜନ୍ ଲରେନ୍ସ ଜାହାଜ ବୁଡ଼ି ଘଟଣା ରେଳପଥ ନେଇ ଆଖି ଖୋଲିଦେଲା। ସେତେବେଳେ ଏ ଦୁର୍ଘଟଣାର ତଦନ୍ତ କରୁଥିବା ମେରାଇନ କୋର୍ଟ ଅଫ ଇନ୍‌କ୍ୱାରିର ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ନାବିକଙ୍କ ତ୍ରୁଟିପୂର୍ଣ୍ଣ ଜାହାଜ ଚାଳନା ଓ କ୍ଷମତାଠାରୁ ଅଧିକ ଯାତ୍ରୀ ବୋଝେଇ ଯୋଗୁ ଜଳଯାତ୍ରାର ମାତ୍ର ଦୁଇ/ତିନି ଘଣ୍ଟା ମଧ୍ୟରେ ଜାହାଜ ପାଣିରେ ବୁଡ଼ି ଯାଇଥିଲା। ବହୁ ମହିଳା, ଶିଶୁ ଓ ବ୍ରିଟିସ ପଦାଧିକାରୀଙ୍କ ପତ୍ନୀ ମଧ୍ୟ ବୁଡ଼ି ପ୍ରାଣ ହରାଇଥିଲେ। ଏ ଘଟଣା ରେଳପଥ ଦାବିକୁ ଶାଣିତ କରିଥିଲା। ବଙ୍ଗବାସୀ ଖବରକାଗଜ ଲେଖିଥିଲା, କେବଳ ୟୁରୋପୀୟଙ୍କ ଗମନାଗମନ ଓ ବାଣିଜ୍ୟିକ ସୁବିଧା ପାଇଁ ରେଳପଥ ହେଉଛି। ଅଥଚ ୧୬କୋଟି ହିନ୍ଦୁ ତୀର୍ଥଯାତ୍ରୀଙ୍କ ଜୀବନର ସୁରକ୍ଷା ପାଇଁ ରେଳଲାଇନଟିଏ ସରକାର କରୁନାହାନ୍ତି। ଆସାମରେ ଟା ବେପାର ଓ ୟୁରୋପୀୟମାନେ ଦାର୍ଜିଲିଂରେ ପର୍ବତାରୋହଣ ଲାଗି ଟ୍ରେନ୍ ଚାଲିଲା, କିନ୍ତୁ ପୁରୁଷୋତ୍ତମ ଯାତ୍ରୀଙ୍କ ଜୀବନକୁ ନିରାପତ୍ତା ଦେବାକୁ ଟ୍ରେନ୍ ନାହିଁ। ଏହାପରେ ରେଲଲାଇନ୍ ସର୍ଭେ ପାଇଁ ମଞ୍ଜୁରି ମିଳିଥିଲା। ତେବେ, ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକ ଉପରେ ସେତୁ ନିର୍ମାଣ ପରେ ହିଁ ୧୯୦୦ ମସିହାରେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା ବୋଲି ଶ୍ରୀ ଧୀର କହିଛନ୍ତି।

## ମ୍ୟାଟ୍ରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୧/୬ (ନି.ପ୍ର): ଜୟପୁର ସାରଦାବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଠାରେ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ମାଟ୍ରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ମସିହାର ମ୍ୟାଟ୍ରିକ ପରୀକ୍ଷାରେଉକ୍ତ ବିଦ୍ୟାଳୟର ଛଅ ଜଣ ଛାତ୍ରଛାତ୍ରୀ ଇ୧ ଗ୍ରେଡ଼ରେ ଉତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ଅଭିନବ ପଣ୍ଡା, ସାହିଲ ପ୍ରତୀକ ଦଳାଇ, ସୁହାସ ଶୁଭଙ୍କର ସାହୁ, ଶୁଭଙ୍କର ଖୁଂଟିଆ, ସୁଶ୍ରୀ ସ୍ମୃତି ପାଣିଗ୍ରାହୀ ଏବଂ ରାଜନନ୍ଦିନୀ ପାଳ । ସେମାନଙ୍କ ମଧ୍ୟରେ ଶ୍ରୀମାନ ଅଭିନ୍ଵ ପଣ୍ଡା ୫୭୧ ମାର୍କ ରଖି ଜିଲ୍ଲା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। କୃତୀ ଶିଶୁମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯିବାସହିତ ଭବିଷ୍ୟତ ଜୀବନରେ ଆହୁରି ଉନ୍ନତି କରିବାର ଆଶୀର୍ବାଦ କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ପ୍ରାନ୍ତ ସଭାପତି ସୋମେନ୍ଦ୍ର ପାତ୍ରୀ ଏବଂ ସମ୍ପାଦକ କେ. ସୁନୀଲ କୁମାର, ଲକ୍ଷ୍ମୀ ନାରାୟଣ ପଣ୍ଡା, ମୋତି ସାଗର ସୋମ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ଷୀର ଉତ୍ପାଦନରେ ସ୍ୱାବଲମ୍ବୀ ହେଉଛି ଅନୁଗୁଳ: ଦିନକୁ ବିକ୍ରି ହେଉଛି ୩୦ହଜାର ଲିଟର କ୍ଷୀର

ଅନୁଗୁଳ, ୧/୬ (ନି.ପ୍ର): ରାତି ପାହିଲେ ଚା' ପାଇଁ ହେଉ କି ରୋଗୀକୁ ପାଉଁରୁଟି ଖାଇବାକୁ ହେଉ; ସମସ୍ତଙ୍କୁ ଲୋଡ଼ା ପଡୁଛି କ୍ଷୀର। ବଜାରର କ୍ଷୀରଗୁଣ୍ଡ ଅପେକ୍ଷା ଦେଶୀ କ୍ଷୀରର ଚାହିଦା ବଢୁଛି। ବଜାରରେ ମିଳୁଥିବା ବିଭିନ୍ନ ପ୍ୟାକେଟ୍ କ୍ଷୀର ବ୍ୟତୀତ ସ୍ଥାନୀୟ ଅଞ୍ଚଳର ଗୋପାଳକମାନେ ମଧ୍ୟ ଲୋକଙ୍କ ଚାହିଦା ମେଣ୍ଟାଇବାରେ ସହଯୋଗ ଦେଉଛନ୍ତି। ହିସାବ କହୁଛି, ଅନୁଗୁଳ ଜିଲ୍ଲାରେ ଦିନକୁ ପ୍ରାୟ ୩୦ହଜାର ଲିଟର କ୍ଷୀର ଆବଶ୍ୟକ। ଏହି ଲକ୍ଷ୍ୟ ହାସଲ ହେଉଥିବା କାରଣରୁ ଅନ୍ୟ ଜିଲ୍ଲା ଉପରେ କ୍ଷୀର ପାଇଁ ଅନୁଗୁଳ ଜିଲ୍ଲା ଆଉ ନିର୍ଭର କରୁନାହିଁ। ଅନୁଗୁଳ ସହର ସମେତ ସମଗ୍ର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସକାଳ ହେଲା ବେଳକୁ କମ୍ପାନିମାନଙ୍କ ସ୍ୱତନ୍ତ୍ର ଗାଡ଼ି ହୋଲସେଲ୍ ଓ ଡିଷ୍ଟ୍ରିବ୍ୟୁଟର ପଏଣ୍ଟ କ୍ଷୀର ପହଞ୍ଚାଉଛନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ଅନୁଗୁଳ ସହର ସମେତ ଅନ୍ୟ ଅଞ୍ଚଳରେ ୩୦ହଜାର ଲିଟର କ୍ଷୀର ବିକ୍ରି ହେଉଛି। ଏହାବାଦ୍



ପନିର, ରାବିଡ଼ି, ଦହି ଆଦିରେ ଆଉ ୫ରୁ ୬ହଜାର କ୍ଷୀର ବ୍ୟବହାର ହେଉଥିବା ଜଣାପଡ଼ିଛି। ଓମ୍‌ଫେଡ ସହିତ ଅନ୍ୟ ୩/୪ଟି ଘରୋଇ କମ୍ପାନିର କ୍ଷୀର ଏହି ଚାହିଦା ପୂରଣ କରୁଛନ୍ତି। ତଥାପି ସ୍ଥାନୀୟ ଅଞ୍ଚଳର ଗୋପାଳକମାନେ ଦିନକୁ ୨ରୁ୪ ହଜାର ଲିଟର କ୍ଷୀର ବିକ୍ରି କରି ପାରୁଛନ୍ତି। ମିଳିଥିବା ସୂଚନା ମୁତାବକ, ଅନୁଗୁଳ ସହରରେ ଓମ୍‌ଫେଡ ସବୁଠାରୁ ଅଧିକ କ୍ଷୀର ଓ ଦୁଗ୍ଧଜାତ ସାମଗ୍ରୀ ବିକ୍ରି କରୁଛି। ଅନୁଗୁଳ ସହରରେ ଘରୋଇ କମ୍ପାନିମାନେ ଓମ୍‌ଫେଡକୁ ଟପି ପାରିନାହାନ୍ତି। ଦିନକୁ ଓମ୍‌ଫେଡ ପ୍ରାୟ ୧୧ହଜାର ଲିଟର କ୍ଷୀର ଓ ୫/୬ ହଜାର ଲିଟର ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ବିକ୍ରି କରିପାରୁଛି। ସେହିପରି ଅନ୍ୟ ଘରୋଇ କମ୍ପାନିମାନେ ପ୍ରତିଯୋଗିତାମୂଳକ ଭାବେ ବେପାର ବଢ଼ାଇ ଚାଲିଛନ୍ତି। ଗତ ୫ବର୍ଷ ଭିତରେ ଓମ୍‌ଫେଡର ବେପାରରେ ସାମାନ୍ୟ ହ୍ରାସ ହୋଇଥିବା ଜଣାପଡ଼ିଛି। ୨୦୧୮/୧୯ ବେଳକୁ ଓମ୍‌ଫେଡ ଦିନକୁ ୧୫ହଜାର ଲିଟରରୁ ଊର୍ଦ୍ଧ୍ୱ କ୍ଷୀର ବିକ୍ରି କରିପାରୁଥିଲାବେଳେ ଏବେ ତାହା ୧୧/୧୨ ହଜାର ଲିଟରକୁ ଖସି ଆସିଛି। ପୂର୍ବରୁ କଟକରୁ କ୍ଷୀର ଆସିଲେ ଅନୁଗୁଳର ଚାହିଦା ମେଣ୍ଟୁଥିଲା। ଏବେ ଆଉ ସେ ପୂର୍ବସ୍ଥିତି ନାହିଁ। ଅନୁଗୁଳର କ୍ଷୀର ଜିଲ୍ଲାର ଚାହିଦା ମେଣ୍ଟାଇବାରେ ସକ୍ଷମ ହୋଇପାରିଥିବା ଜଣାପଡ଼ିଛି। ଅନ୍ୟପଟେ ସତେଜ ଓ ଭଲ କ୍ଷୀରକୁ ଲୋକେ ଖୋଜୁଛନ୍ତି। ସହରିଆମାନେ ପ୍ୟାକେଟ କ୍ଷୀର ତୁଳନାରେ ସିଧାସଳଖ ଚାଷୀ ପାଖରୁ କ୍ଷୀର ଆଣିବାକୁ ପସନ୍ଦ କରୁଛନ୍ତି। କ୍ଷୀର ଉତ୍ପାଦକ ସଂସ୍ଥାମାନେ ଯୋଗାଉଥିବା ପ୍ୟାକେଟ କ୍ଷୀର ଅପେକ୍ଷା ଚାଷୀଙ୍କ କ୍ଷୀରର ଦାମ୍ ଯଦିଓ ଅଧିକ ରହୁଛି କିନ୍ତୁ ସେଥିରେ କେମିକାଲ୍ କିମ୍ବା ଅନ୍ୟ ଦ୍ରବଣ ମିଶ୍ରଣର ଭୟ ନଥିବା ଖାଉଟି କହିଛନ୍ତି। କିନ୍ତୁ ଦୋକାନୀଙ୍କ ଠାରୁ ନେଇ ବିଭିନ୍ନ ଅଫିସ ଆଦିରେ ପ୍ୟାକେଟ କ୍ଷୀର ବହୁଳ ପରିମାଣରେ ବ୍ୟବହୃତ ହେଉଛି। ବଜାରରେ ଏବେ କ୍ଷୀର ଲିଟର ପିଛା ୩୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଗୋ-ଚାଷୀଙ୍କ ସଂଖ୍ୟା ଅଧିକ ବଢ଼ି ପାରିଲେ କ୍ଷୀର ଉତ୍ପାଦନ ବି ଆହୁରି ବୃଦ୍ଧି ହୋଇପାରନ୍ତା ଓ ଅନୁଗୁଳ ଅନ୍ୟ ଜିଲ୍ଲାକୁ କ୍ଷୀର ପଠାଇପାରନ୍ତା ବୋଲି ମତପ୍ରକାଶ ପାଇଛି।

# ମୁକ୍ତିଲାଭ କଲା ସମ୍ବଲପୁରୀ କ୍ଷୁଦ୍ର ଫିଲ୍ମ ଆସମାନତାରା

ବଲାଙ୍ଗିର, ୧/୬ (ନି.ପ୍ର): ଆର. କେ. ମିଡିଆ ପ୍ରସ୍ତୁତ ନାଟ୍ୟକାର ଚନ୍ଦ୍ରାବତୀ ପାଣ୍ଡେଙ୍କ ଲିଖିତ, ନିର୍ଦ୍ଦେଶିତ ଓ ଅଭିନୀତ ସମ୍ବଲପୁରୀ ସର୍ଟଫିଲ୍ମ 'ଆସମାନତାରା' ଇତିମଧ୍ୟରେ ମୁକ୍ତିଲାଭ କରି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି । ୟୁଟ୍ୟୁବ୍ରେ ଅପ୍ଲୋଡ୍ ହୋଇଥିବା ଏହି ଫିଲ୍ମକୁ ଖୁବ ଲୋକଆଦୃତି ମିଳୁଛି । ସମାଜରେ ଥିବା ଜାତିସମାଜର ବିଧିବ୍ୟବସ୍ଥା ସାଙ୍ଗକୁ ଗରୀବ ପରିବାରକୁ କିଭଳି ଏହା ନିଃଶେଷ କରିଦେଇଥାଏ ସେହି ବିଷୟବସ୍ତୁ ଉପରେ ପର୍ଯ୍ୟବେକ୍ଷିତ ଏହି ସର୍ଟଫିଲ୍ମ ନିର୍ମାଣ କରାଯାଇଛି । 'ଆସମାନତାରା' ଏକ ଶାଢୀ ଯାହାକି ପଶ୍ଚିମଓଡିଶାର ଘରେ ଘରେ ମହିଳାଙ୍କ ପସନ୍ଦ ହୋଇଥାଏ । ମେହେର ସମ୍ପ୍ରଦାୟ ପକ୍ଷରୁ ହାତବୁଣା ଏହି ଶାଢୀ ମହିଳାଙ୍କ ଖୁବ ପସନ୍ଦ । ଫିଲ୍ମରେ ଜଣେ ସ୍ୱାମୀ ତା ସ୍ତ୍ରୀକୁ ଖୁସି ଦେଖିବା ପାଇଁ ତାର ସବୁ ସଂଗୃହିତ ଟଙ୍କା ଶାଢୀ କିଣିବାରେ ଖର୍ଚ୍ଚ କରିଦିଏ । ପରେ ବିଲକୁ କାମ କରିବାକୁ ଯାଇ ମୃତ୍ୟୁବରଣ କରେ । ତାର ପତ୍ନୀ ସେହି ତାର ସ୍ୱାମୀଙ୍କ ଦ୍ୱାରା ପ୍ରଦତ୍ତ ମନପସନ୍ଦର ଶାଢୀକୁ ସ୍ୱାମୀର ଶୁଦ୍ଧିକ୍ରୀୟାରେ ଖର୍ଚ୍ଚ କରିବାକୁ ବନ୍ଧକ ଦିଏ । ମଣିଷ ଅଭାବ ସମୟରେ ଜମି, ସୁନା ବନ୍ଧକ କରିଥାଏ କିନ୍ତୁ ତାର ଶାଢୀକୁ ଶେଷରେ କିଭଳି ବନ୍ଧକ ଦେବାକୁ ପଡେ ତାହାର ଏକ ନିଖୁଣ ଚିତ୍ର ଏହି ସର୍ଟଫିଲ୍ମରେ ପ୍ରଦର୍ଶିତ ହୋଇଛି । ତେବେ ସବୁଠୁ ବିଦାରକ ଦୃଶ୍ୟ ଆମ ସମାଜିକ ବ୍ୟବସ୍ଥାରେ କିଭଳି ଜାତିସମାଜ ଗୋଟିଏ ପରିବାରର ଅସହାୟତାକୁ ଦୃଷ୍ଟି ନଦେଇ ସେହି ସମୟରେ ଜାତି ଶୁଦ୍ଧି କରିବାକୁ କିଭଳି ଶୋଷଣ କରିଥାନ୍ତି ତାକୁ ନିଖୁଣ ଭାବରେ ଫିଲ୍ମଟିରେ ପ୍ରଦର୍ଶିତ ହୋଇଛି । ମେଣ୍ଡା ଗାଁର ଗୋବିନ୍ଦ ଦଣ୍ଡସେନା ଏହି ଫିଲ୍ମର ପ୍ରଯୋଜକ ଥିବା ବେଳେ ତାଙ୍କ ପତ୍ନୀ ନାଟ୍ୟକାର ଚନ୍ଦ୍ରାବତୀ ପାଣ୍ଡେ ଫିଲ୍ମରେ ଅଭିନୟ ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ଆର. କେ. ମିଡିଆ ପ୍ରସ୍ତୁତ ଏହି ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀ ବରାଇ, ନାରାୟଣ ମହାକୁର, ସୁବର୍ଣ୍ଣା ସାହୁ, ଫିରୋଜ ଦାସ, ଅବିନାଶ ଝାଙ୍କର, ଉମେଶ ପଧାନ, ପ୍ରଶାନ୍ତ ପଧାନ, ମାନସୀ ଭୁଏ, ସୁଭାଷ ଚିନ୍ଦା, ତ୍ରିନାଥ ମହାକୁର, ଶିଶୁ କଳାକାର ଭାବେ ମେଣ୍ଡା ଶିଶୁବିଦ୍ୟାମନ୍ଦିରର ପିୟୁଷ ମହାକୁର, ପ୍ରୀୟାଂଶୁ ଶେଖର ପଣ୍ଡା, ସିଦ୍ଧିବିନାୟକ ପଧାନ, ଶାଳିନୀ ମିଶ୍ର, ମେଣ୍ଡା ଏମ୍ଡିଆର୍ କଲେଜର ଯୁକ୍ତଦୁଇର ଛାତ୍ରୀ ସିନ୍ଧୁସୁତା କୁଅଁର ଅଭିନୟ କରିଛନ୍ତି । ସେହିପରି ପ୍ରକାଶଚନ୍ଦ୍ର ସାହୁ ଏଥିରେ କଳାନିର୍ଦ୍ଦେଶନା ଦେଇଥିବା ବେଳେ ସୌମ୍ୟରଂଜନ ରଣା ସିନେମେଟୋଗ୍ରାଫି, ଏଡିଟିଂ ଓ ସାଉଣ୍ଡରେ ସହଯୋଗ କରିଛନ୍ତି।

# ବିଶ୍ୱବିଦ୍ୟାଳୟରେ ଅଚଳାବସ୍ଥା: ଅବସର ନେଉଛନ୍ତି ପ୍ରଫେସର, ନୂତନ ନିଯୁକ୍ତି ନାହିଁ

ଭୁବନେଶ୍ୱର, ୧/୬ (ନି.ପ୍ର): ମାସ ପରେ ମାସ ଗଡୁଛି। ବର୍ଷ ପରେ ବର୍ଷ ବିତୁଛି। ୨୦୨୦ରେ ନିଯୁକ୍ତ ହୋଇଥିବା କୁଳପତିଙ୍କ କାର୍ଯ୍ୟକାଳ ଇତି ମଧ୍ୟରେ ଶେଷ ହେବାକୁ ବସିଲାଣି। ମାତ୍ର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ତୁଟୁ ନାହିଁ କି ନିଯୁକ୍ତି ପ୍ରକ୍ରିୟା ଆଗେଇପାରୁନି। ଯେଉଁଥିପାଇଁ ଏବେ ଉଚ୍ଚଶିକ୍ଷା ବିଭାଗ ଅଧୀନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଚଳାବସ୍ଥା ଦେଖାଦେଇଛି। ଆବଶ୍ୟକ ପ୍ରଫେସର ନ ଥିବାରୁ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଆଗକୁ ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଥିବାରୁ ଛାତ୍ରଛାତ୍ରୀ ଏବେ ଚିନ୍ତାରେ। ୪ ବର୍ଷ ହେଲା ଆଇନକୁ ନେଇ ଓଡ଼ିଶା ସରକାର ଓ ୟୁଜିସି ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ପୂର୍ଣ୍ଣଚ୍ଛେଦ ପଡୁନାହିଁ। ଉଭୟ ନିଜ ନିଜ ଜିଦିରେ ଅଡ଼ି ବସିଥିବାରୁ ସମସ୍ୟା ଆହୁରି ସଙ୍ଗୀନ ହୋଇଛି। କେବଳ ନିଯୁକ୍ତି ପ୍ରକ୍ରିୟା ନୁହେଁ, ବିଶ୍ୱବିଦ୍ୟାଳୟ ମୁଖିଆ ଚୟନରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ଏବେ ୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି। ଆଗକୁ ଆହୁରି ୩ଟି ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଏହାଦ୍ୱାରା ଅଧାରୁ ଅଧିକ ବିଶ୍ୱବିଦ୍ୟାଳୟ ମୁରବୀ ଶୂନ୍ୟ ହେବା ଏକପ୍ରକାର ଥୟ। ଆବଶ୍ୟକ ଭିତ୍ତିଭୂମି ନ ଥିଲେ ମଧ୍ୟ ୨୦୨୩ରେ ରାଜ୍ୟର ଦୁଇଟି ସ୍ୱୟଂଶାସିତ ମହାବିଦ୍ୟାଳୟ ଯଥା କେନ୍ଦୁଝରର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କୋରାପୁଟର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ପ୍ରସାରଣ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଇଥିଲେ। ଓଡ଼ିଆ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠା କରିଥିଲେ। ତା'ସାଙ୍ଗକୁ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାମଲେଖା ହୋଇଥିଲା। ଇତିମଧ୍ୟରେ ଗୋଟିଏ ଶିକ୍ଷାବର୍ଷ ବିତିଯାଇଥିଲେ ମଧ୍ୟ ସ୍ଥାୟୀ ପ୍ରଫେସର ନିଯୁକ୍ତ ହୋଇପାରି ନାହାନ୍ତି। ସେପଟେ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଉତ୍କଳଠାରୁ ଆରମ୍ଭ କରି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କେଉଁଠି ପ୍ରଫେସର ନାହାନ୍ତି ତ ଆଉ କେଉଁଠି ଭିତ୍ତିଭୂମି ଅଭାବ ଲାଗିରହିଛି। ଗତ ବିଧାନସଭା ଅଧିବେଶନ ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ଖଲ୍ଲିକୋଟ, ବିକ୍ରମଦେବ ଓ ଧରଣୀଧର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ପଦବି ସୃଷ୍ଟି ହୋଇ ନ ଥିଲା। କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ପ୍ରଫେସର ନିଯୁକ୍ତ ହୋଇ ନାହାନ୍ତି। ବଲାଙ୍ଗୀରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ମଞ୍ଜୁରି ହୋଇଥିବା ୧୨୬ ପ୍ରଫେସର, ସହଯୋଗୀ ଓ ସହକାରୀ ପ୍ରଫେସରଙ୍କ ମଧ୍ୟରୁ ଅଛନ୍ତି ମାତ୍ର ୧୧ଜଣ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପାଇଁ ମଞ୍ଜୁରି ହୋଇଥିବା ୧୧୨ ମଧ୍ୟରୁ ମାତ୍ର ୪ଜଣ ଅଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୧୧, ବ୍ରହ୍ମପୁରରେ ୮୩, ସମ୍ବଲପୁରରେ ୬୩, ରେଭେନ୍ସାରେ ୧୫୬, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ(ଏମ୍ ?ଏସ୍ ?ସିବି)ରେ ୬୪, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୧୮, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୪୩, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୭, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୨ ଶିକ୍ଷକ ପଦବି ଖାଲି ପଡ଼ିଛି। ଇତିମଧ୍ୟରେ ଆହୁରି ଅନେକ ପ୍ରଫେସର ଅବସର ଗ୍ରହଣ କରିସାରିଲେଣି। ହେଲେ ନୂତନ ନିଯୁକ୍ତି ହୋଇପାରି ନାହିଁ। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଏବେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାରୁ ପୁଣିଥରେ ସମସ୍ୟା ସୃଷ୍ଟି ହୋଇଛି। ଆବଶ୍ୟକୀୟ ପ୍ରଫେସର ନ ଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷମାନେ କିଭଳି ଶିକ୍ଷା ପ୍ରଦାନ କରିବେ ତାହାକୁ ନେଇ ହାତ ଟେକିଦେଲେଣି। ନୂତନ ନିଯୁକ୍ତି ପ୍ରକ୍ରିୟା ହେଉ ନ ଥିବାରୁ ଯେଉଁମାନେ ରହିଛନ୍ତି ସେମାନଙ୍କୁ ନେଇ କାମ କରୁଛନ୍ତି। ଆଗକୁ କ'ଣ କରିବେ ଜାଣି ନ ପାରି ସମସ୍ୟା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଅଧିକାରୀମାନେ ମଧ୍ୟ ଅସହାୟ ପ୍ରକାଶ କରିବା ସହ ପୁଣିଥରେ ଅତିଥି ଅଧ୍ୟାପକ ନିଯୁକ୍ତି କରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗ୍ୟତା ଥିବା ନୂତନ ଅଧ୍ୟାପକ ନ ହେଲେ ଅବସରପ୍ରାପ୍ତ ପ୍ରଫେସରଙ୍କୁ ଅତିଥି ଅଧ୍ୟାପକ ଭାବେ ନିୟୋଜନ କରିବାକୁ ପରାମର୍ଶ ଦେଇଛନ୍ତି। ବିଭାଗଠାରୁ ଏଭଳି ନିର୍ଦ୍ଦେଶ ପାଇବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଭଳି ଅଚଳାବସ୍ଥା ଆଉ କେତେଦିନ ଲାଗିରହିବ ତାହାକୁ ନେଇ ପ୍ରଶ୍ନ ଉଠିଛି।

# ଟାକୁଆ ଅପବାଦକୁ ଭରଣା କରିବ ଆମ୍ବ: ବଦଳୁଛି କାଶୀପୁରର ଚିତ୍ର, ଉତ୍ପାଦନ ହେଉଛି ଶହଶହ କୁଇଣ୍ଟାଲ୍ ଆମ୍ବ

କାଶୀପୁର, ୧/୬ (ନି.ପ୍ର): ଦିନେ ଅଖାଦ୍ୟକୁ ନେଇ ଜାତୀୟ ମାନଚିତ୍ରରେ ଚର୍ଚ୍ଚାରେ ରହିଥିଲା କାଶୀପୁର। ଆମ୍ବ ଟାକୁଆ ଖାଇ ଝାଡ଼ାବାନ୍ତିର ଶିକାର ହୋଇ ଶହଶହ ଲୋକଙ୍କ ମୃତ୍ୟୁ ସଭିଁଙ୍କୁ ବିଚଳିତ କରିଥିଲା। ସ୍ଥିତି ଏତେ ଅଣାୟତ୍ତ ହୋଇଥିଲା ଯେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ କାଶୀପୁର ପରିଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ଆରମ୍ଭ ହୋଇଥିଲା ଆଇଫାଡ୍ (ଇଣ୍ଟରନ୍ୟାସନାଲ୍ ଫଣ୍ଡ୍ ଫର ଏଗ୍ରିକଲଚର ଡେଭଲପମେଣ୍ଟ) ଯୋଜନା। ୪ ଦଶନ୍ଧି ପରେ ଅପବାଦର ଶିରୋନାମା ମୁଣ୍ଡାଇଥିବା କାଶୀପୁରର ଚିତ୍ର ଏବେ କିନ୍ତୁ ବଦଳିବାରେ ଲାଗିଛି। ଭୋକର ଭୂଗୋଳ ଏହି ଇଲାକା ଏବେ ସାରା ଭାରତକୁ ସୁସ୍ୱାଦ ଆମ୍ବ ଯୋଗାଇ ଟାକୁଆ ଅପବାଦକୁ ଭରଣା କରିବାରେ ଲାଗିଛି। ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ୍ ଏବେ ଆମ୍ବର ହବ୍ ହେବାକୁ ଯାଉଛି। ବ୍ଲକରୁ ଉତ୍ପାଦନ ହେଉଥିବା ଶହ ଶହ କୁଇଣ୍ଟାଲ ବିଭିନ୍ନ କିସମର ଆମ୍ବ ରାଜ୍ୟ ରାଜ୍ୟର ବିଭିନ୍ନ ଜିଲ୍ଲା ଜିଲ୍ଲା ସମେତ ରାଜ୍ୟ ବାହାରକୁ ରପ୍ତାନି ହେବାରେ ଲାଗିଛି। ଚାଷୀଙ୍କ ଦୃଢ଼ ଆତ୍ମ ବିଶ୍ୱାସ ସହିତ ସରକାରୀ ସହାୟତା କାରଣରୁ ବ୍ଲକର ବହୁ ଚାଷୀ ଆମ୍ବ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଦାଦନର ସୁଅ ପୂର୍ବ ଭଳି ଆଉ ନାହିଁ। ଆମ୍ବ ଚାଷୀଙ୍କ ମଧ୍ୟରୁ ସିନ୍ଦୁରଘାଟି ପଞ୍ଚାୟତ ସଦର ବାସିନ୍ଦା ନରେନ୍ଦ୍ର ମାଝୀ ନିଜ ତିନି ଏକର ଜମିରେ ଦାଶରି, ଆମ୍ରପଲ୍ଲୀ ଭଳି କିସମର ଆମ୍ବ ଚାଷ କରି ଚଳିତ ବର୍ଷ ଲାଭ ବାବଦକୁ ୭୦ ହଜାର ଟଙ୍କା ପାଇ ସାରିଲେଣି। ଆହୁରି ଅନେକ ଆମ୍ବ ଗଛରେ ଥିବା କହିଛନ୍ତି ନରେନ୍ଦ୍ର। ସବୁଠୁ ବଡ଼ କଥା ହେଲା ଆମ୍ବର ଚାହିଦା ଏତେ ରହିଛି ଯେ, ବ୍ୟବସାୟୀମାନେ ଘରକୁ ଆସି ନଗଦ ଟଙ୍କା ଦେଇ କିଣି ନେଉଛନ୍ତି। କେଜି ପିଛା ୩୫ରୁ ୪୦ ଟଙ୍କାରେ ବିକ୍ରି ହେଉଥିଲେ ମଧ୍ୟ ଭଲ ଲାଭ ହେଉଥିବା କହିଛନ୍ତି ନରେନ୍ଦ୍ର। କାରଣ ବିକ୍ରି ପାଇଁ ବଜାର କିମ୍ବା ପରିବହନ ବାବଦ କୌଣସି ଚିନ୍ତା କରିବାକୁ ପଡୁନି। ନରେନ୍ଦ୍ରଙ୍କ



ଭଳି ସିନ୍ଦୁରଘାଟି ପଞ୍ଚାୟତରେ ପ୍ରାୟ ଶହେ ଜଣ ଚାଷୀ ବ୍ୟବସାୟିକ ଭିତ୍ତିରେ ଆମ୍ବ ଚାଷ କରୁଛନ୍ତି। ଗ୍ରାମର ସୁରୁ ନାଏକ, ହଳଧର ନାଏକ ସର୍ବାଧିକ ଆଠ ଏକର ଜମିରେ ଆମ୍ବ ଲଗାଇଛନ୍ତି। ବ୍ଲକର ସମସ୍ତ ୨୪ ପଞ୍ଚାୟତରେ ଆମ୍ବ ଚାଷ ହେଉଥିଲେ ମଧ୍ୟ କାଶୀପୁର, ତଳଝିରି, ସୁଙ୍ଗେର, ସିନ୍ଦୁରଘାଟି, ଅଡ଼ାଜୋର, ଚନ୍ଦ୍ରଗିରି, ଗୋରଖପୁର ପଞ୍ଚାୟତରେ ଅଧିକ ପରିମାଣରେ ଆମ୍ବ ଉତ୍ପାଦନ ହେଉଛି। ଖଣି ଓ ଶିଳ୍ପ ସମୃଦ୍ଧ କାଶୀପୁରର ମାଟି ଓ ଜଳବାୟୁ ଆମ୍ବ ଏବଂ ଅନ୍ୟାନ୍ୟ ଫଳ ଚାଷ ପାଇଁ ବେଶ୍ ଅନୁକୂଳ ରହିଛି। ଚଳିତ ବର୍ଷ ପ୍ରାୟ ୪ ହଜାର ଟନ୍ ଆମ୍ବ ଏହି ବ୍ଲକରୁ ଉତ୍ପାଦନ ହେବାର ଆକଳନ କରିଛି ଉଦ୍ୟାନ୍ କୃଷି ବିଭାଗ। ଓରମାସ୍ ସହାୟତାରେ ପ୍ରାଥମିକ ପର୍ଯ୍ୟାୟରେ ୬ ଟନ୍ ଆମ୍ବ ତେଲେଙ୍ଗାନାକୁ ପଠାଯାଇଛି। ଆଗକୁ ନିୟମିତ ଭାବେ ଓରମାସ୍ ଚାଷୀଙ୍କଠାରୁ ଆମ୍ବ କିଣି ଚାହିଦା ମୁତାବକ ଅନ୍ୟ ରାଜ୍ୟକୁ ପଠାଇବ। ସରକାରୀ ସୂତ୍ରକୁ ଛାଡ଼ିଲେ ବେସରକାରୀ ଭାବେ ଦୈନିକ ଶହ ଶହ ଟନ୍ ଆମ୍ବ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ ସମେତ ଦିଲ୍ଲୀ ଭଳି ରାଜ୍ୟକୁ ଯାଉଛି। ବାହାର ରାଜ୍ୟକୁ ରପ୍ତାନି ହେଉଥିବା ଆମ୍ବ ମଧ୍ୟରେ ଦାଶରୀ ଓ ଆମ୍ରପଲ୍ଲୀ ଆମ୍ବର ଚାହିଦା ସବୁଠୁ ଅଧିକା ରହିଥିବା ଚାଷୀ କହିଛନ୍ତି।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୦୨ ଜୁନ୍ ୨୦୨୪

email : rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୫୪**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଲଙ୍କାଧିନାୟକ ଦଶଶିର ରାବଣର ପତ୍ନୀ ମନ୍ଦୋଦରୀ । ରୂପଶୋଭାରେ ଦେବନାରୀ ମାନେ ମଧ ତାଙ୍କ ସମକ୍ଷ ହେବେ ନାହିଁ । କି ସୁନ୍ଦର ତାଙ୍କର କଥାବାର୍ତ୍ତା, ବ୍ୟବହାର । ଅତ୍ୟାଚାରୀ ରାବଣର ପତ୍ନୀ ହୋଇଥିଲେ ମଧ ସ୍ୱତଃ ମୁଁ ତାଙ୍କ ପାଦତଳେ ମୋର ମସ୍ତକ ଛୁଆଇଁ ଦିଅନ୍ତେ, ସେ ମୋତେ ଆଦରି ନେଇ କହିଥିଲେ, ଦେବୀ ସୀତେ ! ମୁଁ ତୁମର ସମସ୍ତ ଦୁଃଖ କାହାଣୀ ତ୍ରିଜଟା ଠୁଁ ଶୁଣିଛି । ମୁଁ ନାରର ମା' । ତୁମ ପାଇଁ ମୁଁ କିଛି କରିପାରିବି ନାହିଁ । ମୋ ସ୍ୱାମୀ ଗର୍ବୀ, ଅହଂକାରୀ। ଏହା ତୁମେ ଜାଣ । ମୋ ଜ୍ଞାତସାରରେ କୌଣସି ନାରୀ ପ୍ରତି ଯେ ସେ ଅସମ୍ମାନ କରିଛନ୍ତି ତାହା ମୁଁ ଜାଣିନାହିଁ । ଅନ୍ୟାୟ ସେ ଅନେକ କରିଛନ୍ତି । ତାଙ୍କ ଅତ୍ୟାଚାରର ସୀମା ନାହିଁ । ଦେବତା ମାନଙ୍କୁ ସେ ପାଦତଳେ ଖଟାନ୍ତି, ହେଲେ ନାରୀଙ୍କୁ ସେ ଅବମାନନା କେବେ କରି ନାହାନ୍ତି । କାହିଁକି ଯେ ତୁମ ପ୍ରତି ଏମିତି ବ୍ୟବହାର କଲେ ତାହା ମୁଁ ଜାଣି ପାରୁନାହିଁ । ତାଙ୍କ ଭଉଣୀ ସୂର୍ପଣଖାର ନାଶାକର୍ଣ୍ଣ ପଞ୍ଚବଟୀରେ ତୁମ ସ୍ୱାମୀ, ଦେବର ଛେଦନ କରିଥିବା ହେତୁ, ସେ ତାର ପ୍ରତିଶୋଧ ତୁମ ସ୍ୱାମୀଠାରୁ ନେବାକୁ ଯାଇ ମାୟା ରଚନା କରି, ତୁମକୁ ପଞ୍ଚବଟୀରୁ ହରଣ କରି ଆଣିଛନ୍ତି । ତାଙ୍କ ହସ୍ତପଦ ଧରି ମୁଁ ଯେତେ ନିବେଦନ କଲି ତୁମକୁ ନେଇ ତୁମ ସ୍ୱାମୀ ନିକଟରେ ପହଞ୍ଚାଇ ଦେଇ ଆସିବାକୁ ମୋ କଥାକୁ ସେ ଘେନା କଲେନାହିଁ । ଓଲଟି ମୋତେ କହିଥିଲେ, ମୁଁ ଜାଣେ ମନ୍ଦୋଦରୀ ସୀତାର ସ୍ୱାମୀ ଜଣେ ମହା ଧନୁର୍ଦ୍ଧର । ତାର ଯଦି ଶକ୍ତି ଅଛି ସେ ଲଙ୍କାକୁ ଆସି ମୋତେ ଯୁଦ୍ଧରେ ପରାସ୍ତ କରି, ତାର ସ୍ତ୍ରୀକୁ ନେଇଯାଉ । ଅନ୍ୟଥା ମୁଁ ମରିବି ପଛେ ସୀତାକୁ ଫେରାଇବି ନାହିଁ । ତାଙ୍କ କଥା ଶୁଣି ମୁଁ ଭୋ ଭୋ ହୋଇ କାନ୍ଦିପକାନ୍ତେ ସେ କହିଥିଲେ, "କାନ୍ଦନାଲୋ ଝିଅ, ମୋର ଇନ୍ଦ୍ରଜିତ୍ ଭଳି ପୁଅ ଅଛି ହେଲେ ଝିଅଟିଏ ନାହିଁ । ଆଜିଠାରୁ ତୁ ମୋ ଝିଅ ।"

ତାଙ୍କ କଥା ଶୁଣି କୋହ ମୋର ଦ୍ୱିଗୁଣିତ ହୋଇ ଯାଇଥିଲା ସୁଧାମୟୀ । ମୁଁ ଆହୁରି ଜୋରରେ କାନ୍ଦିଉଠନ୍ତେ ସେ ମୋତେ କୋଳକୁ ଟାଣିନେଇ କହିଥିଲେ, ମୁଁ ଜାଣେଲୋ ମାଆ ମୋ ସ୍ୱାମୀ ତୋର କୌଣସି ଅନିଷ୍ଟ କରିବ ନାହିଁ । ସେ ଅସୁର ହୋଇପାରନ୍ତି ହେଲେ ଜଣେ ତପସ୍ୱୀର ରକ୍ତ ତାଙ୍କ ଶିରା ପ୍ରଶିରାରେ ପ୍ରବାହିତ । ବିଶ୍ରବା ଋଷିଙ୍କର ପୁତ୍ର ସେ । ତୋ ପ୍ରତି କୌଣସି ଅବିଚାର କରିବେ ନାହିଁ । ତୁ ଏହି ଅଶୋକବନରେ ରହି ଠିକ୍ କରିଛୁ ମାଆ । ଲଙ୍କାର ଏହା ଶାନ୍ତି ଉଦ୍ୟାନ। ସ୍ୱାମୀ ଠାରୁ ଦୂରରେ ରହି ତୁ ଅନେକ ଯନ୍ତ୍ରଣା ପାଉଥିବୁ ମାଆ । ମୁଁ ତାହା ଅନୁଭବ କରିପାରୁଛି। ତ୍ରିଜଟା କହୁଥିଲା ତୁ ଏକବସ୍ତ୍ର ପିନ୍ଧି ଏଠାରେ ଦିନ କାଟୁଛୁ । ଦିନକୁ ଥରେ ମାତ୍ର ଗୋଟାଏ ଫଳ ଭକ୍ଷଣ କରି ରହୁଛୁ । ଏପରି କଲେ ତୋ ତନୁ, ମନ କ'ଣ ଠିକ୍ ରହିବ । ତୁ ମୋର ଗୋଟାଏ ଅନୁରୋଧ ରଖିବୁ ।

ତାଙ୍କ କଥା ଶୁଣି ମୋ ଅନ୍ତର ତରଳି ଯାଇଥିଲା । ଅସୁରରାଜ ରାବଣର ପତ୍ନୀ ଯେ ଏତେ ଦୟାମୟୀ, ମମତାମୟୀ, ସ୍ନେହମୟୀ ହୋଇଥିବେ ତାହା ମୁଁ ଭାବି ପାରୁନଥାଏ । ତାଙ୍କ କଥା ଶୁଣି ମୁଁ କହିଥିଲି, ଆପଣ ଯାହା କହିବେ କୁହନ୍ତୁ ମାଆ ହେଲେ ମୋତେ ଲଙ୍କାର ଅନ୍ନ, ବସ୍ତ୍ର ଗ୍ରହଣ କଥା କହିବେ ନାହିଁ ।

ମୋ କଥା ଶୁଣି ଚକ୍ଷୁରୁ ଦୁଇଧାର ଲୁହ ଝରାଇ ସେ କହିଥିଲେ, ତୋତେ ମୁଁ ବାଧ କରିବି ନାହିଁ ସୀତା । ତଥାପି ଜଣେ ନାରୀ ଭାବରେ, ଜଣେ ମାତା ଭାବରେ ମୁଁ ଅନୁରୋଧ କରିବି ଗୋଟାଏ ବସ୍ତ୍ର ପିନ୍ଧି ତୁ ଦିନ କାଟିବୁ କେମିତି ? ବର୍ଷାରେ ଭିଜି, ଖରାରେ ସିଝି, ଶୀତରେ ସଢ଼ି କେମିତି ଏହି ଗୋଟାଏ ଲୁଗା ପିନ୍ଧି ତୁ ରହିବୁ ? କେମିତି ଗୋଟାଏ ଫଳ ଖାଇ ଦିନ କାଟିବୁ ? ଗୋଟେ ମାଆର ମିନତି ରଖ ଝିଅ । ତୋ ପାଇଁ ଦୁଇଖଣ୍ଡ ଶାଢ଼ୀ ମୁଁ ଆଣିଛି, ତୁ ଏହାକୁ ଗ୍ରହଣ କର । ଦିନକୁ ଗୋଟାଏ ଫଳ ନଖାଇ ତିନି ଚାରିଟି ଫଳ ଭୋଜନ କର । ଏହାକହି ରାଣୀ ମନ୍ଦୋଦରୀ ମୋ ହସ୍ତ ଧରି ନିଅନ୍ତେ ମୁଁ କହିଥିଲି ନା ମାଆ ମୋତେ ବାଧ କରି ନର୍କକୁ ଠେଲି ଦିଅନ୍ତୁ ନାହିଁ । ମୋ ସ୍ୱାମୀଙ୍କ ଦିଆ ବସ୍ତ୍ର ବ୍ୟତିରେକେ ମୁଁ ଅନ୍ୟ କାହାରି ବସ୍ତ୍ର ଗ୍ରହଣ କରିବି ନାହିଁ । ଏହା ସୀତାର ବଚନ ନୁହେଁ ମାଆ ଏହା ମୋ ପତିବ୍ରତାର ଧର୍ମ । ସେଥିରୁ ମୋତେ ବିରତ କର ନାହିଁ ।

ତୋ ପତି ଧର୍ମ ଉପରେ ମୁଁ ବାଧା ଦେବିନାହିଁ ମାଆ । କଷ୍ଟ ସହି ସିନା ଗୋଟାଏ ବସ୍ତ୍ର ପିନ୍ଧି ତୁ ଦିନ କାଟିବୁ, ହେଲେ ଗୋଟାଏ ଫଳ ଖାଇ କେମିତି ବଞ୍ଚିବୁ ?

ତାଙ୍କ କଥା ଶୁଣି ମୁଁ କହିଥିଲି ବଞ୍ଚିବି ମାଆ, ନିଶ୍ଚୟ ବଞ୍ଚିବି । ରାମ ପାଇଁ ସୀତା ବଞ୍ଚିବ । ପତି ପାଇଁ ପତ୍ନୀ ବଞ୍ଚିବ । ମୋ ସ୍ୱାମୀ ଯଦି ଅରଣ୍ୟରେ ଘୂରିଘୂରି ଫଳଟିଏ ଭୋଜନ କରି ଦିନ ବିତାଇ ଦେଉଛନ୍ତି ମୁଁ କାହିଁକି ନପାରିବି ମାତା।

ମୋ କଥା ଶୁଣି ସେ ଅତ୍ୟନ୍ତ ଦୁଃଖିତ ହୋଇ ତ୍ରିଜଟାକୁ କହିଥିଲେ, ସୀତା ଯାହା କହୁଛି ତାହା ସତ୍ୟ ତ୍ରିଜଟା । ମୁଁ ତା' କଥାରେ ବ୍ୟାଘାତ ସୃଷ୍ଟି କରିବି ନାହିଁ । ମୁଁ ଆସୁଛି ମାଆ । ଯଦି ତୋର କିଛି ଆବଶ୍ୟକ ପଡ଼େ ତାହେଲେ ତ୍ରିଜଟାକୁ କହି ମୋତେ ସ୍ମରଣ କରିବୁ । ମୁଁ ନିଶ୍ଚୟ ଆସି ତୋ ପାଖରେ ପହଞ୍ଚିବି । ଏହାକହି ସେ ମୋ ଶିରଚୁମ୍ବନ କରି ଚାଲି ଯାଉଥିବା ସମୟରେ, ମୁଁ ତାଙ୍କୁ ପଛରୁ ଡାକି କହିଥିଲି, ଆପଣ ମୋତେ ଯାହା ଅଯାଚିତ ଭାବରେ ଯାଚିଲେ ମୁଁ ତାହା ଗ୍ରହଣ କଲି ନାହିଁ, ହେଲେ ମୁଁ ଯାହା ମାଗିବି ଆପଣ ତାହା ମୋତେ ଦେବେ ତ ମାଆ ।

ମୋ କଥା ଶୁଣି ସେ କହିଥିଲେ, ମାଗ ସୀତା କ'ଣ ମାଗୁଛୁ ମାଗ । ଆକାଶର ଚାନ୍ଦ ମାଗିଲେ ବି ମୁଁ ମୋ ସ୍ୱାମୀଙ୍କୁ କହି ତାକୁ ତୋଳିଆଣି ତୋ ହସ୍ତରେ ଧରାଇଦେବି ।

ତାଙ୍କ କଥା ଶୁଣି ମୁଁ କହିଥିଲି ନାଁ ମାଆ ମୋର ଆକାଶର ଚାନ୍ଦର ଆବଶ୍ୟକତା ନାହିଁ । ଜଣେ ସଧବା ନାରୀର ଶ୍ରେଷ୍ଠ ସମ୍ବଳ ହେଉଛି ତା' ମସ୍ତକର ସିନ୍ଦୂର । ସେତକ ମୋ ପାଖରେ ନାହିଁ ମାଆ । ମୋ ସ୍ୱାମୀଙ୍କ ନାମ ନେଇ ସଧବାର ସିନ୍ଦୂର ମୁଁ ଏଠାରେ ମସ୍ତକରେ ଲଗାଇ ପାରୁନାହିଁ । ଆପଣ ଦୟାକରି ଯଦି...

ମୋ କଥା ତୁଣ୍ଡରୁ ନସରୁଣୁ ସେ କ'ଣ କହିଲେ ଜାଣୁ ସୁଧାମୟୀ ! ଧାଇଁଆସି ମୋତେ କୋଳକରି ନେଇ କହିଥିଲେ, "ମାଆଲୋ ତୋ ଭଳି ପତିବ୍ରତା, ପତି ସୋହାଗିନୀ ନାରୀ ମୁଁ କେବେ ଦେଖିନାହିଁ । ପ୍ରକୃତରେ ତୁ ପତିପରାୟଣା । ଜଣେ ସଧବା ନାରୀର ଶ୍ରେଷ୍ଠ ପରିଚୟ ହେଉଛି ତା ମସ୍ତକର ସିନ୍ଦୂର। ମୁଁ ଆଜି ଏହି ମୁହୂର୍ତ୍ତରେ ତ୍ରିଜଟା ହସ୍ତରେ ତୋ ନିକଟକୁ ସିନ୍ଦୂର ଫଗୁଆ ପଠାଇ ଦେଉଛି । ତୁ ପ୍ରତ୍ୟହ ସ୍ନାନାନ୍ତେ ତୋ ମସ୍ତକରେ ସେ ସିନ୍ଦୂର ଧାରଣ କରିବୁ । ତୋ ସ୍ୱାମୀ ଦୀର୍ଘାୟୁ ଯଶସ୍ୱୀ ହେବ ଲୋ ମାଆ । ଏହାକହି ସେ ମୋ ଠାରୁ ପ୍ରସ୍ଥାନ କରିଥିଲେ।

ଏମିତି ଏମିତରେ ମୋ ଦିନ ବିତି ଯାଉଥାଏ ଅଶୋକବନରେ । ଅପେକ୍ଷା କରିଥାଏ ମୋ ସ୍ୱାମୀଙ୍କୁ କେବେ ସେ ଲଙ୍କାରେ ପାଦ ଦେବେ । କେବେ ମୋତେ ଉଦ୍ଧାର କରି ନେବେ ଏ ଅନ୍ଧକାର ଭିତରୁ।

ତ୍ରିଜଟା କହେ ପ୍ରତ୍ୟହ ରାବଣ ଆସି ମୋର ଗତିବିଧିକୁ ଲକ୍ଷ୍ୟକରି ଚାଲି ଯାଏ । ଦିନେ ସେ କହିଥିଲା ମାଆ ସୀତେ ! ଲଙ୍କପତି ନିର୍ଦ୍ଦେଶ ଦେଇଛନ୍ତି ଆସନ୍ତାକାଲି ଏ ଅଶୋକବନରେ ଏକ ମହୋତ୍ସବର ଆୟୋଜନ ହେବ ।

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର

(ମୋ) ୬୩୭୦୫୦୯୧୦୪


## ଚଳନ୍ତିକା

# ତାଳି ଚିକିତ୍ସା



### ସୁବ୍ରତ ପଟ୍ଟନାୟକ

ତାଳି ତାଳି ବନମାଳୀ ।
ତାଳି ତାଳି ବନମାଳୀ ।।

କୁନି ଛୁଆକୁ ଖେଳାଇବା, ଶୁଆଇବା ବେଳେ ମାଆ ଗାଆନ୍ତି ଏଇ ଗୀତ । ତାଳି ବାଜିଲେ ସତକୁ ସତ ଛୁଆ ଖେଳେ । ପାଟି ଫିଟି ନଥିବା ଛୁଆଟି ଦିବ୍ୟ ଜ୍ଞାନରେ ତାଳି ମାରେ । ସଙ୍ଗୀତ ସଂଯୋଜନାରେ ସୁର ଲାଗି ତାଳି ମରାଯାଏ । ନୃତ୍ୟ କ୍ଷେତ୍ରରେ ମଧ ତାଳିର ଆବଶ୍ୟକତା ରହିଛି । ଭଜନ, କୀର୍ତ୍ତନ ସମୟରେ ତାଳି ମରାଯାଏ । ମନ୍ଦିରରେ ପୂଜକ ଠାକୁରଙ୍କୁ ଭୋଗ ଅର୍ପଣ କଲାବେଳେ ତାଳି ମାରନ୍ତି । ମନ୍ତ୍ର ଓ ବେଦପାଠ ବେଳେ ବାଜେ ତାଳି । ପୁରାଣ ଶାସ୍ତ୍ରରେ ତାଳିର ମହାତ୍ମ୍ୟ ବାବଦରେ ଅନେକ ଗୂଢ଼ କାହାଣୀ ରହିଛି । ଛୋଟିଆ ସ୍ତମ୍ଭରେ ସବୁକଥା ବଖାଣିବା ସମ୍ଭବ ନୁହେଁ । ଏ ବାବଦରେ ବିଜ୍ଞ ପାଠକେ ଆମଠୁ ଢେର୍ ଅଧିକ ଜାଣିଛନ୍ତି । ସେମାନଙ୍କ ଜ୍ଞାନ ଆଗରେ ଆମେ ବିନମ୍ରତାର ସହିତ ମୁଣ୍ଡ ନୂଆଁଉଛେ।

ଆମ ସାମାଜିକ ଚଳଣିରେ ତାଳିର ଆବଶ୍ୟକତା ବି ରହିଛି । ସଭା, ସମିତି, ଯାତ୍ରା, ସୁଆଙ୍ଗରେ ତାଳି ମରାଯାଏ । ମଞ୍ଚରେ ଅତିଥି ଅଭ୍ୟାଗତଙ୍କୁ ସ୍ୱାଗତ କରିବା ବେଳେ ବାଜେ ତାଳି। ନୃତ୍ୟ ଗୀତ ସମୟରେ କିନ୍ନର ଗୋଷ୍ଠୀର ପ୍ରଧାନ ବାଦ୍ୟଯନ୍ତ୍ର ହାତ ତାଳି । କିନ୍ନରଗଣ ତାଳିମାରି ଦାତାଙ୍କ ମୁଣ୍ଡ ଆଉଁଷି ଦେଲେ କୋଟି କଲ୍ୟାଣ ହୁଏ । ଖେଳକୁଦରେ ବାଜିମାତ କରୁଥିବା ଖେଳାଳୀଙ୍କୁ ଅନ୍ୟ ସାଥିଗଣ ତାଳିମାରି ଉତ୍ସାହିତ କରନ୍ତି । ଅନ୍ଧାର ରାତିରେ ମନରୁ ଭୟ ଦୂର ପାଇଁ ଅନେକ ତାଳି ମାରନ୍ତି । ତାଳିର ଯେ ଅନେକ ପ୍ରଭାବ ରହିଛି, ଏହା ସୁସ୍ପଷ୍ଟ ।

ତେବେ 'ତାଳିମାଡ଼' ଯେ ଏକ 'ଚିକିତ୍ସା'ରେ ପରିଣତ ହେଲାଣି, ତାହା ଅନେକଙ୍କୁ ଜଣାନାହିଁ। ପରସ୍ପର ସହିତ ତାଳିମାଡ଼ କଲେ, ଧମନୀରେର ରକ୍ତ ପ୍ରବାହ ସ୍ୱାଭାବିକ ହୁଏ । ସ୍ନାୟୁ ସକ୍ରିୟ ହୁଏ। ସ୍ନାୟୁଗତ ରୋଗ ଦୂର ହୁଏ । ତାଳି ଦ୍ୱାରା ଯେଉଁ ଶବ୍ଦ ଓ କମ୍ପନ ସୃଷ୍ଟି ହୁଏ, ତାହା ମସ୍ତିଷ୍କକୁ ଆନନ୍ଦ ଉଲ୍ଲାସ ଦିଏ । ଫଳରେ ମନ ଶାନ୍ତ ରହେ । ସାର କଥା ଏୟା- ମଣିଷ ସୁଖି ଓ ନିରୋଗ ରହିବା ପାଇଁ ସବୁଠୁ ମାଗଣା ଚିକିତ୍ସା ପରସ୍ପର ସହ ତାଳି । ଭାରତର ବିଭିନ୍ନ ସ୍ଥାନରେ ହସିବା ଓ ପରସ୍ପର ସହିତ ତାଳିମାଡ଼ କରିବା ପାଇଁ କ୍ଲବ ଗଠନ ହେଲାଣି । ଏହି ସଙ୍ଗଠନରେ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକେ ସାମିଲ ହେଉଛନ୍ତି । ସେମାନେ ଏକାଠି ହୋଇ ମନଖୋଲା ହସୁଛନ୍ତି । ତାଳରେ ତାଳ ମିଳାଇ ତାଳିମାଡ଼ କରୁଛନ୍ତି । ସ୍ନାୟୁ ବିଶେଷଜ୍ଞମାନଙ୍କ ମତରେ ପାପୁଲିର ସ୍ପର୍ଶ ଓ ମୃଦୁ ଆଘାତରେ ମାନସିକ ସନ୍ତୁଳନ ରକ୍ଷାହୁଏ । ମାନସିକ ଚିକିତ୍ସକ କହୁଛନ୍ତି, ପରିବାରରେ ଲୋକେ ତାଳିମାରି ମାନସିକ ରୋଗୀର ରୋଗ ଉପସମ କରିପାରିବେ । ଛୋଟ ପିଲାମାନେ ପାଠ ପଢୁଥିବା ବେଳେ ତାଳିମାରି ସେମାନଙ୍କୁ ଭଲ ପଢ଼ିବା ପାଇଁ ଉତ୍ସାହିତ କରାଯାଏ। ସେଥିପାଇଁ ନର୍ସରୀ ଓ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟିତ୍ରୀ ଛୋଟଛୁଆଙ୍କୁ ତାଳି ମାରିବା ଲାଗି ବୁଝାଇଥାନ୍ତି । ତେବେ କୋଭିଡ୍, କୋରନା ଭଳି ମହାମାରୀ ରୋଗ ବ୍ୟାପୁଥିବା ସମୟରେ ଏହି ପ୍ରକ୍ରିୟାକୁ କିଛିଦିନ ବନ୍ଦ ରଖା ଯାଇପାରେ । ସେଥିରେ କିଛି କ୍ଷତି ନାହିଁ ।

ଏହି ପ୍ରସଙ୍ଗରେ ନିଜର ଗୋଟିଏ ଅନୁଭୂତି ବଖାଣୁଚେ । ଆମ ଗାଁରେ ମୋର ଜଣେ ବାଲ୍ୟବନ୍ଧୁ ବାମନ ଯେନା । ଡାକ ନାଁ- ମିଟି । ତାଙ୍କ ବୟସ ସତଷଠି । ସେ ଜଣେ ପକ୍ଷାଘାତ ରୋଗୀ । ପିଲାବେଳେ ସେ ଯୁଆନ ଥିଲେ । ଖେଳକୁଦରେ ବାଜିମାତ୍ କରୁଥିଲେ । ରୋଗରେ ଘାଣ୍ଟି ହୋଇ ସେ ହେଲେ ଶଯ୍ୟାଶାୟୀ । ମିଟିକୁ ଦୁର୍ଦ୍ଦିନରେ ଦେଖା କରିବାକୁ ଯାଇଥିଲି । ମିଟିର ପତ୍ନୀ ଲକ୍ଷ୍ମୀଙ୍କ ଆଖିରୁ ଝରିଲା ଧାର ଧାର ଲୁହ । ପଣତ କାନିରେ କୋହକୁ ଚାପି କହିଲେ- ଆମେ ଗରିବ ଲୋକ । ଏ ଓଳି ଖାଇଲେ, ଆରଓଳି ଉପାସ । ରୋଗ ଭଲ କରିବାକୁ ଫଟା ଅଧୁଲିଟିଏ ନାହିଁ । ତମେ ଟିକିଏ ଭଗବାନଙ୍କୁ ପ୍ରାର୍ଥନା କର । ରୋଗ ଦୂର ହେଉ । ହାଡ଼ କଙ୍କାଳ ଗଣି ହୋଇ ଯାଉଥିବା ମିଟି ପଡ଼ିଥାଏ ବିଛଣାରେ । ମୋତେ ଚାହିଁଥାଏ ବିକଳରେ । ଦେହ ହାତ ଥରୁଥାଏ। ମୁଁ ଧରିଲି ତାର ହାତ । ପାପୁଲିକୁ ଆଉଁସିଲି । ଭଗବାନଙ୍କୁ ଆକୁଳ ପ୍ରାର୍ଥନା କଲି- ଏଇ ଗରିବ ଦୁଃଖି ମଣିଷଟିକୁ ବଞ୍ଚେଇ ଦିଅ । ନହେଲେ ତା ସଂସାର ଉଜୁଡ଼ି ଯିବ । ତା ପିଲାଛୁଆ ଭାସିଯିବେ। ସତକୁ ସତ ମିଟି ଧିରେ ଧିରେ ସୁସ୍ଥ ହେଲା । ଏବେ ସେ ହ୍ୱିଲ୍ ଚେୟାରରେ ବୁଲି ପାରୁଛି ଗାଁ ଦାଣ୍ଡରେ । ମାତ୍ର ବିଧିର ବିଧାନ, ଏହି କଥା ଦେଖିବାକୁ ପତ୍ନୀ ରହିଲା ନାହିଁ ସଂସାରରେ। ଚାଲିଗଲା ଆରପାରିକୁ। କେହି ମାନନ୍ତୁ ବା ନ ମାନନ୍ତୁ, ସେ ହିଁ ଏହି ଘଟଣାର ଏକମାତ୍ର ମୂକସାକ୍ଷୀ। ଆମେ ପ୍ରାର୍ଥନା କରୁଛେ, ତାଙ୍କ ଅମର ଆତ୍ମାର ସଦଗତି ହେଉ । ମିଟି ହୋଇଯାଉ ସମ୍ପୂର୍ଣ୍ଣ ରୋଗମୁକ୍ତ । ଏହି ଘଟଣାର ପ୍ରଶଂସା ଓ ଶ୍ରେୟ ସବୁବେଳେ ଭଗବାନଙ୍କ ପାଦ ତଳକୁ ଯାଉ । ପ୍ରଭୁ ଆମକୁ କଲ୍ୟାଣ କରନ୍ତୁ ।

ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଅନେକ ବର୍ଷ ପରେ ଫେରିଚି ନିଜ ଭିଟାମାଟିକୁ । ଆଶା, ଏଇଠି କଟିବ ଶେଷ ଜୀବନ । ଗର୍ବର କଥା, ଗାଁ ଦାଣ୍ଡରେ ଯିବାବେଳେ ଅନେକ କୁନି କୁନି ପିଲା ଖୁସିରେ ମୋ ସହିତ ତାଳିମାଡ଼ କରନ୍ତି। ସେଥିରେ ସେ ପିଲାଙ୍କର କେତେ ଆନନ୍ଦ ! ! ଅନ୍ୟ ସହିତ ଖୁସି ବାଣ୍ଟିବା ପାଇଁ ୟାଠୁ ବଳି ସହଜ ଅଭ୍ୟାସ ଆଉ କିଛି ନାହିଁ । ଆମର ସ୍ନେହ, ଶ୍ରଦ୍ଧା ବଢ଼ିବ । କୁନି କୁନି ପିଲାଏ ଖୁସି ହେବେ । ଆମକୁ ଆଦର କରିବେ । ଆମେ ଏଭଳି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବା କାହିଁକି ?


♥ ଓରାଳି, କେନ୍ଦୁଝର

ମୋ: ୯୯୩୭୭୯୧୨୪୪


## କବିତା...

## ।। ବିଳେଇ ।।



### ଶରତ କୁମାର ଦାସ

ଦିନେ ଦିନେ
ଚଟ୍‌କିନା ରାସ୍ତା ପାର କରେ
ବିଲେଇଟିଏ
ବ୍ରେକ ଦବା ପୂର୍ବରୁ
ଗାଡି ଅଟକିଯାଏ
ପଛକୁ ଫେରିବାକୁ ହୁଏ
ବିସ୍ତାପର ସହ
ସକାଳର ସଫେଦ ଆକାଶରେ
କଳାମେଘୀ ଶାଢ଼ି ଖଣ୍ଡେ
ଢାଙ୍କିହୋଇ ଯାଏ

ଅଘଟଣର ସମ୍ଭାବନା ଭିତରେ
ଭୟର ବୁଢିଆଣି ଜାଲ ଟିକ ଟିକ କାଟିହୁଏ
ଅବାଂଛିତ ଦୁଶ୍ଚିନ୍ତାର ଗରମ ହାୱାରେ
ସଜଫୁଟା ଫୁଲମାନେ ମଉଳି ଯାଆନ୍ତି
ସେଦିନର ଯୋଜନାବଦ୍ଧ ଚିନ୍ତନମାନେ
ନିଷ୍ପ୍ରଭ ଦୁଶନ୍ତି
ରିକ୍ତ ଅଖିତଳେ ଲୁଚିଯିବା ଆଗରୁ

ଦୋପହରର ଚିଠି ପହଞ୍ଚେ
ପୁଅର ବହୁ ପ୍ରତୀକ୍ଷିତ ଚାକିରି ଧରି
ଉଡ୍ଡାଣଖୋର ଗୁଡ଼ିଟିଏ ପାଇଁ
ପୁନଶ୍ଚ ନଟେଇର ସୂତା ଛାଡିବାକୁ ହୁଏ
ଅବେଳରେ କଫି କପ ବାମ୍ପ ଧରେ

ନୀଡ ଫେରନ୍ତା ପକ୍ଷୀଙ୍କ କଣ୍ଠରେ
ସଞ୍ଜବେଳ ବାସେ

ସକାଳର ସୂର୍ଯ୍ୟ ଉଇଁବା ଆଗରୁ
ମୋ ଛାତିତଳେ ପଥର ତରଳେ
ହାଡ଼େ ହାଡ଼େ ମଲ୍ଲୀକଢ଼ ଫୁଟେ
ଯେତେବେଳେ ମୋ ଭାବନାର କାନଭାସରେ
ପାଉଁଶବର୍ଣ୍ଣ ବିଲେଇଟିଏ
ଆପେ ଆପେ ଆଙ୍କି ହୋଇ ଲିଭିଯାଉଥାଏ
ଏଇ ଅବି ଅବି ରାସ୍ତାପାର ହବାର
ଶୁଭ ସଂକେତ ଦେଇ.


♥ ବାଲିଆପାଳ, ବଇଁଶୀରିଆ, ଯାଜପୁର

(ମୋ) ୯୪୩୭୪୨୩୯୮୫


## ।। ଅତ୍ୟାଚାର ।।



### ସୁଜିତ କୁମାର ମିଶ୍ର

ଆତଙ୍କୀ ଟୋପିଧାରୀଙ୍କ ଆତଙ୍କ ଝଡରେ
ଦେହ ଝାଳ ଜୁଡୁବୁଡୁ ।

କୋଟିକୋଟି ଆଶାର ଚିପଚିହ୍ନ
ଆଉ କେଇଟା ଦିନ ପରେ
ତିଆରିବ ଭାଗ୍ୟ ସିଂହାସନ ।

ହାରିବା ଜିତିବା ଦ୍ୱନ୍ଦ୍ୱ ଭିତରେ
ଧସେଇ ପଶିଛି ହିଂସ୍ରବାଦୀଙ୍କ
ସନ୍ଧାମୀ ଚାଲ୍,
ଅତ୍ୟାଚାରରେ ନୀରିହ ମଣିଷ
ମରଣ ମୁହାଁ,
ରୌଦ୍ରତାପଠୁ ବଳିଛି କ୍ଷମତାର ନିଆଁ,
ଅଦୃଶ୍ୟ ପ୍ରୋତ୍ସାହନର ଅଭୟ ବାଣୀରେ
ଭୂଖଣ୍ଡ ଖଣ୍ଡ ଖଣ୍ଡ, ବେହାଲ୍ ।

ନିଜ କଳର ହାତ ବାରିସି
ସାଜିଛି ସୁରକ୍ଷା ବାହିନୀ,
ଅପୂର୍ବ ଲଢେଇ ନିସ୍ୱ ମଣିଷଙ୍କ
ମୁଣ୍ଡ ଗଡେଇ,
ମୂକ, ବାଚାଳଙ୍କ ବିଭ୍ରାନ୍ତି ବିବୃତ୍ତି
କଣ ପ୍ରତିଷ୍ଠା କରିପାରିଛି ରାମରାଜ୍ୟ,
ବିକାଶ ଝୁଲୁଛି କଥାର ଦୋଳିରେ,
ବଧିର ସମ୍ରାଟ କଣ ଶୁଣି ପାରନ୍ତି
ଖଟିଖିଆଙ୍କ ବେଦନା ଜର୍ଜର କାହାଣୀ ?

ଅସ୍ଥିର ମନର ପ୍ରତିଶୋଧ ବହ୍ନି
କଣ କମ୍ ବଡ ହତିଆର,
ବନ୍ୟା ପରି ବଢୁଛି ଅତ୍ୟାଚାର,
କାଶତଣ୍ଡୀ ହସ ଭିତରେ କପଟୀ
ଦ୍ରୋହ,
ଶୁଭବସ୍ତ୍ରରେ ରକ୍ତଛିଟା,
ବିବସନା ହେଉଛି ଆଲୋକିତ ଅଧିକାର ।

ମାନବବାଦର ଉଦ୍ଘୋଷଣା
ମିଛ ମରିଚୀକାର ମୌନ ଖେଳ,

ଛାତି ଧଡଧଡ,
ପରାଜୟର ଆତଙ୍କରେ
ଏକଛତ୍ରବାଦୀ ବାଟବଣା,
କା ହାତରେ ମାରଣାସ୍ତ୍ର ଧରାଇଦେଇ
ସ୍ୱୟଂ ଧାର୍ମିକ ବକର ସାତ୍ତ୍ୱିକ ଠିକଣା,
ଗୋଟିଏ ଧାଡ଼ିରେ ଏଠି ବାହୁବଳ,
ବିଭୀଷିକା ଖେଳ ।

ଏ ଧର୍ମଯୁଦ୍ଧ ଚଖାଇଚାଲିଛି
ବିଧର୍ମୀଙ୍କ ପରାଜୟ ସ୍ୱାଦ,
ନିରସ୍ତ୍ରରେ କା ହୃଦୟ ଜିଣିବା ହିଁ ତ
ବିଜୟର ବଳବୀର୍ଯ୍ୟ,
ଆଉ କେତେ କାଳ ପରେ
କ୍ଷମତାର ମଉହସ୍ତୀମାନେ
ବୁଝିବେ ଏ ମିଠାଭାବ ?

ମଣିଷ ଜଡ ହେବା ପରି
ସ୍ୱପ୍ନ ବି ଦିନେ ହେବ ଜଡ,
ଭାଇଚାରା ରଙ୍ଗ କିନ୍ତୁ ଚିରକାଳ
ଜିଣେ ସଭିଙ୍କ ହୃଦୟ ଗଡ ।

ମହାଭାରତ ଯୁଦ୍ଧର ଅତ୍ୟାଚାରରେ
କୌରବ ମାନେ ହିଁ ତ
ପଡିଥିଲେ ମରଣ ଦୁଆରେ ।

ଏଇ 'ଅତ୍ୟାଚାର' ଦିନେ ହୋଇପାରେ
ବୁମେରାଂ ଅସ୍ତ୍ରର ପ୍ରଚଣ୍ଡ ପ୍ରହାର ।


♥ ଜନାର୍ଦ୍ଦନପୁର ଶାସନ କେନ୍ଦୁଝର

(ମୋ) ୭୬୮୩୮୬୭୭୪୨


## ।। ମୋ ଦାୟିତ୍ୱ ।।



### ନୀଳମାଧବ କର

ତମେ କଣ ଶୁଖିଲା ଦିଶୁଛ ?
ଦେହ ଭଲ ନାହିଁ, ନା'
କାଲି ରାତିରେ ଶୋଇନ
ଆଖି ଦି'ଟା ବେଙ୍ଗଫୁଲା ପରି
ଦି ଦିନର ଦାଢ଼ିର ଦଳରେ ଭାସୁଛି !

ବେଶୀ ରାତି ଯାଏ ଚେଇଁବନି
କବିତାରୁ ମିଳିବ କଣ
ତମେ କଣ ପ୍ରେମ କରୁଛ ଯେ, -
ମନ ଭଲ ନ ଲାଗିଲେ
ମନେ ପକେଇବ, ଚିଠି ଲେଖିବ
ଆଲବମ୍ ଏଡେଇବ, କିନ୍ତୁ

ଏକା ଏକା ସିନେମା ଯିବନି
ଅଖିଆ ଶୋଇବନି
ବରଷାରେ ଭିଜିବନି
ଆଉ କା' ଘରକୁ ଯିବନି ।

ଏତେ ଭୋଳା ମଣିଷଟେ କେଉଁଠି ଦେଖିନି
ତମ ଦୁନିଆରେ ତମେ ଥାଅ ସବୁବେଳେ
ବାହାରେ ଦୁନିଆଟେ ଅଛି ବୋଲି
ତମେ ବୁଝିପାର ନାହିଁ
ବଙ୍କେଇ କହିଲେ, ବୁଝିପାରନି କଥା
ହସିପାରନି ମାପି ଚୁପି
ସୁନ୍ଦର କି ଅସୁନ୍ଦର, ବାରିପାରନି

ହାତ ନ ଧରିଲେ, ଚାଲି ପାରନି ରାସ୍ତା ।

ଜୀବନକୁ ଶିଖିବାକୁ ରାଜି ହେଉନଥିବା
ଖୁବ ବଡ଼ ଶିଶୁଟିଏ ତମେ
ତମକୁ ପାଳି, ବଢେଇବାକୁ
ଯେମିତି ମୁଁ ଦାୟିତ୍ୱ ନେଇଛି
ତମଠୁ ବି ବେଶୀ ପରା ମୁଁ ତୁମକୁ ଚିହ୍ନିଛି ।


♥ ଓଲଭରହାମ୍ପଟନ, ୟୁକେ


## ।। ଅଦିନ ମେଘ ।।



### ମହାଦେବ ପ୍ରଧାନ

ଅଦିନିଆ ମେଘ;
ଗୋଟେ ଗାଢ଼ ସମ୍ମୋହନ ! !

ଠିକ୍ ଅଚାନକ ଭେଟ ହେଉଥିବା
ହଜିଲା ମଣିଷ,
ହଜିଲା ଆତ୍ମୀୟତାର
ମୃଦୁ ମୃଦୁ ହୃତକମ୍ପନ ପରି..

ଝର୍କା ଏପଟେ ମୁଁ
ଚଳପ୍ରଚଳ ମୋ' ସମୁଦାୟ ପୃଥିବୀ
ଆରପାଖରେ ମେଘ
ମେଘ ଦେହେ ଚକ୍ ଚକ୍ ବିଜୁଳି
ଅନ୍ଧାରରେ ଝଲସୁ ଥିବା ସ୍ମୃତି ପରି,
ପୀଡ଼ା ପରି..

ଆକାଶ ଧୂଆଁ ଧୂଆଁ
ମାଟି ଦେହରେ ପାଣିର ଅସଂଖ୍ୟ ପିଚକାରି

କିଏ ଫିଙ୍ଗୁଛି କି ବାଲକୋନିକୁ
ମୁଠା ମୁଠା ବରଫର ମୁକ୍ତା
ଝର୍କାକାଚେ ଠକ୍ ଠକ୍ କାହା ଆମନ୍ତ୍ରଣର
ଶବ୍ଦସବୁ ଥିରି ଥିରି !

ବର୍ଷାକୁ ଗୋଡ଼ କାଢ଼ିବା ବି ସହଜ
ଅଥଚ କିଏ ରୋକେ ?
ଭିଜି ଯିବାର ଭୟ ନାଁ ପ୍ରତିବନ୍ଧର ଘଡଘଡି ?

ବର୍ଷା ପରି ତମେ ଆସ
ଅଚାନକ ମୋ ପୃଥିବୀକୁ
କାନପାଖରେ କେଁ-କଟର ଶୁଭେ ବେଙ୍ଗରଡ଼ି
ନିଶ୍ୱାସରେ କଞ୍ଚା ଜଙ୍ଗଲ ବାସ୍ନା
ଆଖି ଆଗରେ ବତୁରି ଯାଉଥିବା ରାସ୍ତା
ଓଦା ସର ସର ଅନୂଢ଼ା ପରି ଲଜ୍ଜାରୁଣା
ଦୁଇ ପାଖେ କୃଷ୍ଣଚୂଡ଼ା ଗଛ ଧାଡ଼ି ଧାଡ଼ି ..

ଏ ସବୁ ହୁଏତ ସ୍ୱପ୍ନ !
ମୁଁ କିନ୍ତୁ ନିଦାଘ ବାସ୍ତବ ପରି
ଅପ୍ରେଲ ଶେଷ ଗୋଟେ ବସଷ୍ଟାଣ୍ଡରେ ଛିଡ଼ା
ଖରାଖିଆ ଟିଣଘରର ନିୟତ
ଅପେକ୍ଷାରେ ମ୍ରିୟମାଣ ଉତ୍ତପ୍ତ ମୁହୂର୍ତ୍ତର
ମାନଚିତ୍ର।

ତମେ କ'ଣ ଆଞ୍ଜୁଳାଏ ଜଳ
ଅରାଏ ଛାଇ
ନାଁ କେବଳ ମୋ ଭିତରର ସ୍ଥିରଭ୍ରମ
ଅପହଞ୍ଚ ଗନ୍ତବ୍ୟର ଅବସୋସ..


♥ (ମୋ) ୮୨୪୯୫୧୬୭୬୫

# ଏବେ ବି ସାହିତ୍ୟ ମୂଲ୍ୟବୋଧ ଭିତ୍ତିକ ଏକ ସାମାଜିକ ଜୀବନ ପ୍ରତିଷ୍ଠା କରିବାରେ ବ୍ରତୀ : ରାଜ୍ୟବର୍ଦ୍ଧନ

**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର** ଓଡିଆ କଥା ସାହିତ୍ୟ ଜଗତର ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ତାଙ୍କର ସୃଷ୍ଟି କେବଳ ମାତ୍ର ଓଡିଆରେ ନୁହେଁ, ଭିବିନ୍ନ ଭାଷାରେ ଅନୁଦିତ ହୋଇ ହାସଲ କରିଛି ପାଠକୀୟ ଆଦୃତି । ପ୍ରଜ୍ଞା, ପ୍ରତିଭା ଓ ମାନବବାଦର ଅନବଦ୍ୟ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ଯେଉଁ ପରିଚୟର ବଳୟ, ତାହା ତାଙ୍କୁ ଚିହ୍ନିତ କରାଏ ଜଣେ ଅନନ୍ୟ ସର୍ଜନଶୀଳ ମଣିଷ ଭାବରେ । ସେ ସାଉଁଟି ପାରନ୍ତି ମାର୍ମିକ ଅନୁଭୂତିକୁ, ସେ ଗଳ୍ପରେ ସଜାଡି ପାରନ୍ତି ଅନୁଭବର ଅନୁରାଗକୁ। ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଆମ ଘରେ ପ୍ରତିଦିନ ପଢ଼ା ଯାଉଥିଲା ଭାଗବତ, ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପୂରାଣ । ଶୁଣୁଥିଲା ଆମର ଜେଜି ମାଆ । ଏହି ଅନିଚ୍ଛାକୃତ ଶ୍ରବଣ ଓ ବାଧ୍ୟବାଧକତାର ପଠନ ବୋଧହୁଏ ସୃଜନର ବୀଜବିପନ କରିଥିଲା ମୋ ଭିତରେ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଆମ ଗାଆଁ କଣ୍ଟିପୁରର ଭୌଗୋଳିକ ପରିବେଶ ଓ ଆମ ଘରର ସାଂସ୍କୃତିକ ପରିବେଶ ବୋଧହୁଏ ପରବର୍ତ୍ତି ସମୟରେ ମୋର ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏତଦ୍ ବ୍ୟତୀତ ଆମ ପିଲାଦିନର ଗ୍ରାମୀଣ ପରିବେଶରେ ହେଉଥିବା ପାଲା, ଦାସକାଠିଆ, ଡ୍ରାମା ଓ ଯାତ୍ରା ଇତ୍ୟାଦି ପ୍ରେରିତ କରିଥିଲା ଗୋଟିଏ ଲେଖକୀୟ ଜୀବନ ପ୍ରତି । ଯଦିଓ ସେ ସମୟକ୍ରମେ ସାହିତ୍ୟରେ ରହି ପାରିଲେନି, କିଂତୁ ତାଙ୍କର ପ୍ରେରଣା ଓ ପ୍ରାରମ୍ଭିକ ପ୍ରୋତ୍ସାହନ ମୋତେ ତାଙ୍କୁ ମୋର ଗୁରୁର ଆସନ ଆଜି ଯାଏ ଦେଇ ଆସିଛି । ସେ ହେଉଛନ୍ତି ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ଶ୍ରୀ ବିଭୂତି ଭୂଷଣ ସାମଲ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସଂପ୍ରତି ଦେଖା ଦେଉଥିବା ସଂପର୍କର ସଂକଟ, ଭାଙ୍ଗି ଯାଉଥିବା ଯୌଥ ପରିବାରର ପରମ୍ପରା, ବଦଳି ଯାଉଥିବା ପୃଥିବୀର ଦୃଶ୍ୟ, ଭୌଗଳିକ ପରିବେଶ, ସର୍ବୋପରି ମାନବୀୟ ମୂଲ୍ୟବୋଧ ଉପରେ ଏବେ ଲେଖକମାନେ ଗୁରୁତ୍ୱ ଦେବାର ସମୟ ଆସିଛି । ସାହିତ୍ୟ ମଣିଷକୁ ସକ୍ଷମ କରେ ନିଜକୁ ବୁଝିବା ସହ ସମାଜକୁ ଏବଂ ବିଶ୍ୱକୁ ବୁଝିବାକୁ । ଏହା ପାଠକଙ୍କୁ ଗଭୀର ଅର୍ନ୍ତଦୃଷ୍ଟି ପ୍ରଦାନ କରି ସମଗ୍ର ବିଶ୍ୱରେ ଥିବା ଭିନ୍ନ ଭିନ୍ନ ସଂସ୍କୃତି ସହ ପରିଚିତ କରାଇଥାଏ । ପୂରାଣ, ଇତିହାସ ଠାରୁ ଆରମ୍ଭ କରି ସାଂପ୍ରତିକ ସମାଜ ଯାଏ ସାହିତ୍ୟ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି ସାମାଜିକ ପରିବର୍ତ୍ତନରେ । ବିଶେଷ କରି ଆମ ଦେଶ ଭାରତବର୍ଷ ଛିଡ଼ା ହୋଇଥିବା ଚାରିଗୋଟି ସ୍ତମ୍ଭ ହେଉଛି ଆମର ପୁସ୍ତକ ଯଥା- ବେଦ, ଉପନିଷଦ, ରାମାୟଣ ଓ ମହାଭାରତ । ଯେଉଁ ପୁସ୍ତକମାନଙ୍କ ଆଧାରରେ ଆମର ଶାସନ, ପ୍ରଶାସନ, ସାମାଜିକ ଶୃଙ୍ଖଳା, ନୈତିକ ମୂଲ୍ୟବୋଧ ତିଆରି ହୋଇଥିଲା । ସମୟ ବଦଳିବା ସହ ସାହିତ୍ୟର ରୂପ ଓ ଆଭିମୁଖ୍ୟ ବଦଳିଛି ସତ ହେଲେ ସାହିତ୍ୟର ସମାଜକୁ ପରିବର୍ତ୍ତନ କରିବାର ଧର୍ମ ଓ ଦକ୍ଷତା ବଦଳି ନାହିଁ । ଏବେ ବି ସାହିତ୍ୟ ମୂଲ୍ୟବୋଧ ଭିତ୍ତିକ ଏକ ସାମାଜିକ ଜୀବନ ପ୍ରତିଷ୍ଠା କରିବାରେ ବ୍ରତୀ ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଅଛି ଏହା ସତ୍ୟ । ଫକୀରମୋହନଙ୍କ ସମୟରେ ଓଡ଼ିଶାର ଲୋକସଂଖ୍ୟା ଏବଂ ଏବର ଲୋକସଂଖ୍ୟା ଫରକ୍ ଯେମିତି, ସେହି ଅନୁପାତରେ ଗାଳ୍ପିକମାନଙ୍କର ସଂଖ୍ୟା ଅଧିକ ହେବା ସ୍ୱାଭାବିକ। ପାଠକ ସଂଖ୍ୟା ନିରୂପଣ ପାଇଁ ଏଯାଏଁ ସେଭଳି କୌଣସି ବିଶ୍ୱାସଯୋଗ୍ୟ ପରିମାପକ ପଦ୍ଧତି ନାହିଁ । ଏସବୁ ଆରୋପ କେବଳ ଅନୁମାନର ଆଧାରରେ, ପାଠକ ସଂଖ୍ୟା କମିଛି ବୋଲି ମୁଁ ବିଶ୍ୱାସ କରେନା । ଏବେ ପାଠକ ମାନଙ୍କର ମନୋରଂଜନ ଓ ଜ୍ଞାନବର୍ଦ୍ଧନ ପାଇଁ ବିଭିନ୍ନ ମାଧ୍ୟମ ରହିଛି, ତେଣୁ ସେମାନେ କେବଳ ପତ୍ରପତ୍ରିକା ନୁହଁ ସାମାଜିକ ଗଣମାଧ୍ୟମର ବିଭିନ୍ନ ମାଧ୍ୟମ ଦ୍ୱାରା ସେମାନଙ୍କ ପଠନ ପିପାସା ମେଣ୍ଟାଇବାରେ ସମର୍ଥ ହେଉଛନ୍ତି । ଏତଦ୍ ବ୍ୟତୀତ କେବଳ ସାହିତ୍ୟ ନୁହଁ ଅନ୍ୟ ବିଭାଗମାନଙ୍କୁ ମଧ୍ୟ ପାଠକଟିଏ ପଢ଼ିବାର ଇଚ୍ଛା ଓ ଆବଶ୍ୟକତା ରଖୁଛି। ଯଦି ପାଠକ ସଂଖ୍ୟାର ଅଭିବୃଦ୍ଧି ଘଟୁନଥାନ୍ତା, ତେବେ ଆମ ଭାଷାରେ ଏତେ ପତ୍ରପତ୍ରିକା ସହ ପ୍ରତିଟି ସମ୍ବାଦ ପୃଷ୍ଠାରେ ସାହିତ୍ୟ ପୃଷ୍ଠା ପ୍ରକାଶ ପାଉ ନଥାନ୍ତା । ଯୁଗ ଧର୍ମ, ଯୁଗ ରଚି ଓ ପାଠକର ମନକୁ ଛୁଇଁବା ଭଳି ଗପ ଲେଖାଗଲେ ପାଠକମାନେ ଏଥିପ୍ରତି ଆକୃଷ୍ଟ ହେବେ। ଗଳ୍ପର ଅଯଥା ବୌଦ୍ଧିକତାର ସ୍ଥାନ ନାହିଁ ମାତ୍ର କିଛି ଗାଳ୍ପିକ ଗପକୁ ଅଯଥା ବୌଦ୍ଧିକ କରି ପାଠକମାନଙ୍କୁ ନିରାଶ କରିଥାଆନ୍ତି । ପାଠକର ରଚିକୁ ଧ୍ୟାନ ଦେଲେ ପାଠକ ସଂଖ୍ୟା ନିଶ୍ଚୟ ବଢ଼ିବ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ଏବେ ସଂକଟରେ ନିଶ୍ଚୟ । ଇଂରାଜୀ ମାଧ୍ୟମ ଶିକ୍ଷାର ବ୍ୟାପକ ପ୍ରଚାର ଓ ପ୍ରସାର ଏଥିପାଇଁ ଦାୟୀ । ଏବେ ସାଧାରଣରେ ଗୋଟିଏ ଅବବୋଧ ସୃଷ୍ଟି ହୋଇଛି ଯେ ବୃତ୍ତିଗତ ଜୀବନରେ ଉଚ୍ଚସ୍ଥାନକୁ ଯିବା ଓ ପ୍ରତିଷ୍ଠା ପାଇବାକୁ ହେଲେ ଆମ ମାତୃଭାଷା ସେଥିପାଇଁ ସକ୍ଷମ ନୁହଁ, ଏ ଧାରଣାଟି ସଂପୂର୍ଣ୍ଣ ଅମୂଳକ । ମାତ୍ର ଯୁଗର ପ୍ରବାହଧାରାରେ ସମସ୍ତେ ଭାସି ଚାଲିଛନ୍ତି । ସାହିତ୍ୟ ସଶକ୍ତ କରେ ଆମର ମାତୃଭାଷାକୁ । ତେଣୁ ମାତୃଭାଷା ପ୍ରତି ଏବେ ଯେଉଁ ସଂକଟ ଦେଖାଯାଇଅଛି ତାକୁ ସମାଧାନ କରିବାକୁ ସାହିତ୍ୟକୁ ଆଧାର କରାଯାଇ ପାରେ ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ଲେଖକଟିଏ ସର୍ବଦା ସମାଜ ସଂସ୍କାରକ ଓ ସୁଧାରକର ଦାୟିତ୍ୱ ନିର୍ବାହ କରିଆସିଛି । ଏବେ ସାଂପ୍ରତିକ ସମାଜର ମୂଲ୍ୟବୋଧର ଅବକ୍ଷୟ ଓ ଅବ୍ୟବସ୍ଥାକୁ ଅଂଗୁଳିନିର୍ଦ୍ଦେଶ କରି ତାକୁ ପରିବର୍ତ୍ତନ କରିବାର ମାର୍ଗଟିଏ ଦେଖାଇଥାଏ ଲେଖକ । ତେଣୁ ମୁଁ ଗଭୀର ଭାବରେ ଆଶାବାଦୀ ଯେ ଲେଖକଟିଏ ପରିବର୍ତ୍ତନର କର୍ଣ୍ଣଧାର ସାଜି ପାରିବ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଏକଦା ପଡ଼ୋଶୀ ରାଜ୍ୟର ଚକ୍ରାନ୍ତରେ ଏହା ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଅସ୍ତିତ୍ୱ ସଂକଟରେ ଥିଲା, ସେହି ଭାଷା ମାଟି ତଳୁ, ପଥର ଛାତିରୁ, ତାମ୍ରପତ୍ରରୁ ଓ ଭୂଜପତ୍ରରୁ ମୁଣ୍ଡ ଟେକି କେବଳ ତାର ପ୍ରାଚୀନତାର ପରିଚୟ ଦେଲା ନାହିଁ ମୌଳିକତାର ନିଦର୍ଶନ ଦେଇ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇଲା । ସେ ଭାଷାର ଜଣେ ସ୍ରଷ୍ଟା ହିସାବରେ ତାହାର ସ୍ଥିତିଶୀଳତାକୁ ନେଇ ମୁଁ ଗଭୀର ଆଶାବାଦୀ ହେବା ସ୍ୱାଭାବିକ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାରର ଗୁରୁତ୍ୱ ଅଛି ନିଶ୍ଚୟ ଲେଖକ ପାଇଁ । ମାତ୍ର ପୁରସ୍କାର ପାଇଁ ଲେଖକୀୟ ସ୍ୱାଭିମାନକୁ ଜଳାଂଜଳି ଦେବାର ସପକ୍ଷରେ ମୁଁ ନୁହେଁ । ସାହିତ୍ୟ ବାର୍ତ୍ତା ଦିଏନା, ଏକ ସୁନ୍ଦର ପୃଥିବୀ ସର୍ଜନା କରିବାର ମାର୍ଗ ଦେଖାଏ ଯାହା ବ୍ୟକ୍ତିଗତ ଜୀବନରୁ ଆରମ୍ଭ ହୋଇ ସାର୍ବଜନୀନ ସ୍ତରକୁ ଯାଇଥାଏ । ସାହିତ୍ୟ ସେହି ସୁନ୍ଦର ପୃଥିବୀ ସୃଷ୍ଟିର ମାର୍ଗ ଦର୍ଶନ ହେଉ ଏହାହିଁ କାମନା କରିବି । ♥♥



■ ଅଳ୍ପରେ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର..

ଜନ୍ମ : ୨୦ ଅପ୍ରେଲ ୧୯୬୦
ଜନ୍ମସ୍ଥାନ- କଣ୍ଟିପୁର, ଭାୟା- ବିଂଝାରପୁର, ଜିଲ୍ଲା-ଯାଜପୁର
ପିତା- ହରେକୃଷ୍ଣ
ମାତା- ଲକ୍ଷ୍ମୀପ୍ରିୟା ଦେବୀ

■ ପ୍ରକାଶିତ ପୁସ୍ତକ ■

**ଗଳ୍ପ**

୧- ସବୁଜପତ୍ରରେ ସୂର୍ଯ୍ୟାସ୍ତର ରଂଗ : ୧୯୮୭
୨- ଦୌଡ ପ୍ରତିଯୋଗିତା :୧୯୯୯
୩- ଦୂର ନକ୍ଷତ୍ର : ୨୦୦୨
୪- ତଥାସ୍ତୁ :୨୦୦୩
୫- ଅଥଳ ଆଶ୍ରୟ : ୨୦୦୪
୬- ବାମନ ବୃକ୍ଷ : ୨୦୧୧
୭- ମାଟିଦ୍ରୋଣ : ୨୦୧୨
୭- ମାୟାଚିତ୍ର : ୨୦୧୩
୮- ଇଚ୍ଛାପତ୍ର : ୨୦୧୭
୯- ଅଶ୍ୱଗନ୍ଧା : ୨୦୧୯
୧୦- ସବୁମାୟା : ୨୦୨୦
୧୧- ଛାୟାରାଜା : ୨୦୨୧
୧୨- ଶାରୀ ଓ ମୂକପୁତ୍ରର କାହାଣୀ : ୨୦୨୧
୧୩- ଶ୍ରେଷ୍ଠ ଗଳ୍ପ : ୨୦୨୨
୧୪- ସ୍ଥାୟୀ ଠିକଣା-୨୦୨୩

**ଉପନ୍ୟାସ**

୧- ହୃଦୟର ସୀମାରେଖା :୨୦୦୦
୨- ପୁଣ୍ୟ ପତିତା : ୨୦୦୭
୩- ବେଳ ଭଲନାହିଁ :୨୦୧୦

**ଅନ୍ୟାନ୍ୟ**

୧- ହାୟ - ହିନ୍ଦୀ ଗଳ୍ପ ସଂକଳନ
୨- ରାତ୍ରୀ ଆକାଶର କାଳିମା (ଇଂରାଜୀ କବିତାର ଓଡିଆ ଅନୁବାଦ)
୩- The Nomad's House & other stories : 2022
୪- ରାତ୍ରୀ ଆକାଶର କାଳିମା : (ଅନୁବାଦ) ୨୦୨୨
ବହୁ ଗଳ୍ପ, କବିତା ଇଂରାଜୀ, ତେଲେଗୁ ଓ ଅନ୍ୟାନ୍ୟ ଭାଷାରେ ଅନୁଦିତ



ପ୍ରାଣପ୍ରିୟା ପତ୍ନୀ ପୁଷ୍ପାଙ୍କ ସହ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ....



ନାତୁଣୀ ସହିତ କଥାକାର ରାଜ୍ୟବର୍ଦ୍ଧନ...



ସୁଖୀ ପରିବାର : ପତ୍ନୀ, ପୁତ୍ର ଓ ପୁତ୍ରବଧୂଙ୍କ ଗହଣରେ ଲେଖକ...



ପୁରସ୍କାର ଗ୍ରହଣର ମହାର୍ଘ ମୁହୂର୍ତ୍ତ...



## ଅଜୟ ସ୍ୱାଇଁ

ଲେଖା ବାହାରିଥିବା ପତ୍ରିକା ନିହାତି ଦଶଟି ମୁଁ କିଣେ ଓ ବାଣ୍ଟେ । କିଏ ପଢ଼େ ବା ନପଢ଼େ ମୁଁ ଜାଣେନାହିଁ । ହଁ, 'ନାବାଳକ' ଉପନ୍ୟାସ ପ୍ରକାଶ ପାଇବା ପରେ, ଅନେକ ଚିଠି ପାଇଥିଲି । ସେଥିରେ ଦେବ୍ରାଜ ଲେଙ୍କା ଥିଲେ, ମହାପାତ୍ର ନୀଳମଣି ସାହୁ ଥିଲେ, ପଦ୍ମଜ ପାଳ ଥିଲେ। ସେମାନେ ତ ମୋର ପ୍ରିୟ ପାଠକ ତାଲିକାରେ ନଥିଲେ।

## ପ୍ରିୟ ପାଠକ-୧୭

# ପାଠକମାନେ ହିଁ ବଂଚେଇ ରଖନ୍ତି ଲେଖକମାନଙ୍କୁ ...

### ପ୍ରିୟ ପାଠକ

ଏମାନଙ୍କୁ ମୁଁ ଚିହ୍ନେ । ଆହୁରି ଅନେକ ଅଛନ୍ତି, ଯେଉଁମାନଙ୍କର ମୁଁ ପ୍ରିୟ ଲେଖକ । ସେମାନଙ୍କୁ କିନ୍ତୁ ଏଯାଏ ଭେଟିପାରିଲିନି । ତାହାହିଁ ମୋର ବଡ଼ ଅବସୋସ । + + + +
କେମିତି ଚିହ୍ନିହେବ ଅସଲ ପାଠକଂକୁ । ଏଥର ପାଠକଙ୍କ ରୁଚି ବଦଳୁଛି । ଖାଲି ବହି ସହ ସେମାନଙ୍କ ସଂପୃକ୍ତି ନାହିଁ । ବହିଟିଏ ଭଲ ଲାଗିବା ଓ ଲେଖକ/ ଲେଖିକାଟିଏ ଭଲ ଲାଗିବା ଏକାକଥା ନୁହେଁ, ଲେଖାର ଫ୍ୟାନ୍, ଲେଖକର ଫ୍ୟାନ୍ ହେବା ବି ଜରୁରୀ ନୁହେଁ।



ସୁମନ ଦାଶ / ଉପେନ୍ଦ୍ର ପତି / ପ୍ରିୟଙ୍କା ପ୍ରିୟଦର୍ଶିନୀ

ପ୍ରିୟ ପାଠକ, (ପାଠିକା)

ହଁ, ଜଣେ ପାଠକର ପ୍ରିୟ ଲେଖକଟିଏ ଥାଇପାରେ, ମାତ୍ର ଜଣେ ଲେଖକର ପ୍ରିୟ ପାଠକ ? ଥାଇପାରେ, କିନ୍ତୁ ଜଣେ ଲେଖକ କେମିତି ଜାଣିବେ ତାକୁ ?

୧. ଯଦି ସେ ଲେଖକକୁ ଚିଠି ଲେଖେ..

୨. ଯଦି ଲେଖକକୁ ଫୋନ୍ କରେ ବା ଅନ୍ୟ କିଛି ମାଧ୍ୟମରେ ଜଣାଏ..

୩. ଯଦି କାହା ଆଗରେ ବା ସଭା ସମିତିରେ ଲେଖକଙ୍କୁ ପ୍ରଶଂସା କରେ ଓ ସେଇ ଖବର ଲେଖକ ପାଖେ ପହଂଚେ..

ବାସ୍ ! ନହେଲେ ଲେଖକ କେମିତି ଚିହ୍ନିବ ତାର ପାଠକ ପୁଣି ପ୍ରିୟ ପାଠକକୁ ?

ଏମିତି ବି କିଛି ପାଠକ /ପାଠିକା ଅଛନ୍ତି, ଯେଉଁମାନେ ମୋଟେ ଧରା ପଡ଼ନ୍ତିନି ଲେଖକ ଆଖିରେ । ଏମିତି ଏମିତି ନୀରବରେ ସେମାନେ ପଢ଼ନ୍ତି। ଅଥଚ ଲେଖକ ସହ ତାଙ୍କର ବ୍ୟକ୍ତିଗତ ସଂପର୍କ ବି ନଥାଏ ।

ତା'ହେଲେ ଲେଖକଟିଏ କେମିତି ଜାଣିବ, କିଏ ତା ଲେଖାର ପ୍ରିୟ ପାଠକ/ ପାଠିକା ?

ଏହାର ଉତ୍ତର ଏତେ ସହଜ ନୁହେଁ ।

ଏବେ ଲେଖକ ଭାବେ ମୋ କଥା କହେ, ମୁଁ ୧୯୮୪/୮୫ ବେଳୁ ଲେଖାଲେଖି ଆରମ୍ଭ କଲି କବିତାରୁ । କିଏ ମୋ କବିତା ପଢ଼େ, ନପଢ଼େ ମୁଁ ଜାଣିନି ।

ହେଲେ, ଲେଖା ବାହାରିଥିବା ପତ୍ରିକା ନିହାତି ଦଶଟି କିଣେ ଓ ବାଣ୍ଟେ । କିଏ ପଢ଼େ ବା ନପଢ଼େ ମୁଁ ଜାଣେ ନାହିଁ । ହଁ, 'ନାବାଳକ' ଉପନ୍ୟାସ ପ୍ରକାଶ ପାଇବା ପରେ, ଅନେକ ଚିଠି ପାଇଥିଲି । ସେଥିରେ ଦେବ୍ରାଜ ଲେଙ୍କା ଥିଲେ, ମହାପାତ୍ର ନୀଳମଣି ସାହୁ ଥିଲେ, ପଦ୍ମଜ ପାଳ ଥିଲେ। ସେମାନେ ତ ମୋର ପ୍ରିୟ ପାଠକ ତାଲିକାରେ ନଥିଲେ। (ଥିବା ବି ଜରୁରୀ ନୁହେଁ)

ତେବେ ସେତେବେଳେ ସୁମନ ଦାଶ (ବ୍ଲୁ' ବହିର ଲେଖକ) ସହ ଏଇ ନାବାଳକରୁ ହିଁ ସଂପର୍କ ହେଲା, ଯାହା ଏଯାଏ ବରକରାର୍ ରହିଛି । ସେଇଠୁ ଉପେନ୍ଦ୍ର ପତି (ବିଶିଷ୍ଟ ନାଟ୍ୟକର୍ମୀ) ନିହାତି ୧୦୦ରୁ ଅଧିକ 'ନାବାଳକ' କିଣି ଅନ୍ୟକୁ ଉପହାର ଦେଇଛନ୍ତି । ରାତିଅଧରେ କାଂଦି କାଂଦି ମତେ 'ନାବାଳକ'ର ଅନେକ ଅଧ୍ୟାୟ ଶୁଣେଇଛନ୍ତି। ସେ ମୋର ପ୍ରିୟ ପାଠକ ତାଲିକାରେ ରହିବେ। ଏବେ ବି ମୋର ବହିଟିଏ, ଲେଖାଟିଏ ବାହାରିଲେ, ସେ ତାକୁ ପ୍ରଥମେ କିଣନ୍ତି । ଉପେନ୍ଦ୍ର ପତି ବହୁତ ଇମୋସନାଲ। ସେ ନିଜକୁ ମୋ ଗପ/ ଉପନ୍ୟାସର ଚରିତ୍ରଟିଏ ବୋଲି ଭାବି ନିଅନ୍ତି। 'ନାବାଳକ', 'ଛପିଛପି ବାସନ୍ତୀ ରାତି' ବହିକୁ ଅନେକ ଥର ପଢ଼ି ପ୍ରାୟ ମୁଖସ୍ଥ କରିଥିବା ଅଥଚ ମୋ ହାତରୁ ବହିଟିଏ ନେବା ପାଇଁ ଇଚ୍ଛା କରୁଥିବା, ମୋର ସବୁ ବହିକୁ ପଢ଼ା ଟେବୁଲରେ ଥାକ କରି ରଖିବା, ମୋର ପ୍ରାୟ ବହି ଉପରେ ଲେଖି ମୋତେ ଦେବା (ଯଦିଓ ମୁଁ ତାକୁ ଆଗରୁ କେବେ ବି ଦେଖି ନଥିଲି) ପ୍ରିୟଙ୍କା ପ୍ରିୟଦର୍ଶିନୀ (ଦାସ) ବି ମୋର ପ୍ରିୟ ପାଠିକା ତାଲିକାରେ ରହିବ।

ମୋର 'ଛପିଛପି ବାସନ୍ତୀ ରାତି' ଉପନ୍ୟାସରୁ ଦଶଟି କିଣି ଅପେରା କଳାକାରମାନଙ୍କୁ ବାଣ୍ଟିଥିବା ବୌଦ୍ଧର ନୀଳଲୋହିତ ମହାପାତ୍ରଙ୍କୁ କେମିତି ଭୁଲିବି ?

ଏମାନଙ୍କୁ ମୁଁ ଚିହ୍ନେ । ଆହୁରି ଅନେକ ଅଛନ୍ତି, ଯେଉଁମାନଙ୍କର ମୁଁ ପ୍ରିୟ ଲେଖକ । ସେମାନଙ୍କୁ କିନ୍ତୁ ଏଯାଏ ଭେଟିପାରିଲିନି । ତାହାହିଁ ମୋର ବଡ଼ ଅବସୋସ ।

ଏକଥା ସତ, ଲେଖକ/ ଲେଖିକା ତ ପାଠକ /ପାଠିକାମାନଙ୍କ ପାଇଁ ଲେଖନ୍ତି, ସାହିତ୍ୟର ପ୍ରଚାର ପାଇଁ ଏବେ ବହି ନୁହେଁ, ବିଭିନ୍ନ ମିଡିଆ ଉପଲବ୍ଧ ।

କେମିତି ଚିହ୍ନିହେବ ଅସଲ ପାଠକଂକୁ । ଏଥର ପାଠକଙ୍କ ରୁଚି ବଦଳୁଛି । ଖାଲି ବହି ସହ ସେମାନଙ୍କ ସଂପୃକ୍ତି ନାହିଁ । ବହିଟିଏ ଭଲ ଲାଗିବା ଓ ଲେଖକ/ ଲେଖିକାଟିଏ ଭଲ ଲାଗିବା ଏକାକଥା ନୁହେଁ, ଲେଖାର ଫ୍ୟାନ୍, ଲେଖକର ଫ୍ୟାନ୍ ହେବା ବି ଜରୁରୀ ନୁହେଁ।

ଏ ଭିତରେ ଚାରିଦଶନ୍ଧି ବିତିଗଲାଣି । ସେମିତି ପ୍ରିୟ ପାଠକ/ପାଠିକା ଚାହୁଁ ନଥିଲେ, ମୁଁ କଣ ତିଷ୍ଠି ରହିଥାନ୍ତି ଲେଖାରେ ?

ହଁ, କିଛି ଅସହିଷ୍ଣୁ ପାଠକ/ ପାଠିକା ଅଛନ୍ତି ଯେଉଁମାନେ ମୋ ଲେଖାକୁ ଅଧିକ ଶାଣିତ କରିଛନ୍ତି, ମୁଁ ପ୍ରିୟ ପାଠକ/ ପାଠିକାମାନଙ୍କ ଅପେକ୍ଷା ସେମାନଙ୍କୁ ବେଶୀ ଚିହ୍ନେ, ବେଶୀ ମନେରଖେ ।

ପାଠକମାନେ, ଲେଖକର ଭଗବାନ ।

ସେମାନେ ଥିଲେ, ଲେଖକ ଅଛି ।

ସେମାନେ ନଥିଲେ, ଓଡ଼ିଆରେ ଏତେ ବହି କେମିତି ଛପା ହୁଅନ୍ତା ?

ସେହି ପାଠକମାନେ ହିଁ ବଂଚେଇ ରଖନ୍ତି ଲେଖକମାନଙ୍କୁ ।


♥ ମୋ-୯୧୭୮୫୫୮୫୦୮

---

## ଆସ ବୁଲିଯିବା..

# କଣ୍ଟିଲୋର ନୀଳମାଧବ ମନ୍ଦିର

### ସୁଷମା ପରିଜା





ସ୍କନ୍ଧ ପୁରାଣ କହେ ଅବନ୍ତୀ ନରେଶ ଇନ୍ଦ୍ରଦ୍ୟୁମ୍ନ ଈଶ୍ୱରଙ୍କୁ ଚାକ୍ଷୁଷ ସାକ୍ଷାତ କରିବାର ଅଭିପ୍ରାୟ ନେଇ ଦିନେ ନିଜର ପାରିଷଦ ବର୍ଗଙ୍କୁ ଭୂଖଣ୍ଡର ଚତୁର୍ଦ୍ଦିଗକୁ ପ୍ରେରଣ କଲେ ଈଶ୍ୱରଙ୍କ ସନ୍ଧାନରେ । ଦକ୍ଷିଣ ଦିଗରେ ଆସିଥିବା ପାରିଷଦଙ୍କୁ କେଜାଣି କେମିତି ସମ୍ବାଦ ମିଳିଲା ଯେ ମହାବିଷ୍ଣୁ ସ୍ୱୟଂ ନୀଳ ମର୍କତମଣି ରୂପେ ଆବିର୍ଭୂତ ହୋଇ ବ୍ରହ୍ମାଦ୍ରୀ ପର୍ବତ ଗୁମ୍ଫାରେ ପୂଜା ପାଉଛନ୍ତି। ଅବନ୍ତୀ ନରେଶ ତାଙ୍କର ସୁଯୋଗ୍ୟ ସେନାପତି ବିଦ୍ୟାପତିଙ୍କୁ ନିର୍ଦ୍ଦେଶ ଦେଲେ ଯେମିତି ହେଉ ଉଡ୍ର କଳିଙ୍ଗରେ ପହଞ୍ଚି ମହାବିଷ୍ଣୁଙ୍କୁ ଠାବ କରି ତାଙ୍କୁ ଆଣିବାକୁ ହେବ ଅବନ୍ତୀ ନଗ୍ର ଯାଏଁ। ଅତ୍ୟନ୍ତ ସୂକ୍ଷ୍ମ ବୁଦ୍ଧିସମ୍ପନ୍ନ ବିଦ୍ୟାପତି ତୁରନ୍ତ ବାହାରି ପଡିଲେ ତାଙ୍କର ସୈନ୍ୟ ସାମନ୍ତଙ୍କୁ ସାଥିରେ ଧରି। ବାଟରେ ପଡ଼ିଲା ମହାନଦୀ, ବହୁତ କଷ୍ଟରେ ନଦୀ ପାର ହେଲା ବେଳକୁ ଅଧା ସୈନ୍ୟ ରହିଗଲେ ନଦୀର ଅପର ପାର୍ଶ୍ୱରେ। ଆଗକୁ ଘଞ୍ଚ ଜଙ୍ଗଲ, ବିରାଟ ବୃକ୍ଷର ଛାୟାରେ ମୁହଁକୁ ମୁହଁ ଦିଶୁନଥିଲା, ଜଙ୍ଗଲ ଭିତରେ ଘୋଡ଼ା ଝପଟାଇ ଚାଲୁ ଚାଲୁ ରାସ୍ତା ଭୂଲି ଏକା ହୋଇ ଯାଇଥିଲେ ସେନାପତି। କିଛିବାଟ ଗଲା ପରେ ଘୋଡ଼ା ମଧ୍ୟ ଅସୁସ୍ଥ ହୋଇ ପଡିବାରୁ ତା'କୁ ସେଇଠି ଛାଡ଼ିଦେଇ ପାଦରେ ଚାଲି ଚାଲି ଜଙ୍ଗଲ ଭିତରକୁ ଆଗେଇ ଯାଉଥିଲେ ବିଦ୍ୟାପତି । ପଥଶ୍ରମ ସହିତ କ୍ଷୁଧା ତୃଷାରେ ଆକୁଳ ହୋଇ ନିସ୍ତେଜ ହୋଇ ପଡୁଥିଲା ବେଳେ ତାଙ୍କର ଦୃଷ୍ଟି ପଥାରୂଢ଼ ହୋଇଥିଲେ ସଖୀମାନଙ୍କ ଗହଣରେ ଯାଉଥିବା ଜଣେ ଅସାମାନ୍ୟା ସୁନ୍ଦରୀ ତରୁଣୀ। ବିଦ୍ୟାପତି ପ୍ରଥମ ଦୃଷ୍ଟିପାତରେ ହିଁ ବିମୋହିତ ହୋଇ ପଡିଲେ ସେଇ ସୁନ୍ଦରୀ ତରୁଣୀଙ୍କ ପ୍ରତି। ନିଜର ତୃଷା ନିବାରଣ ପାଇଁ ତାଙ୍କୁ ଜଳ ଭିକ୍ଷା କରନ୍ତେ ସହଚରୀମାନେ ତୁରନ୍ତ ଜଳଦାନ କରି ଅପରିଚିତ ଆଗନ୍ତୁକଙ୍କର ପରିଚୟ ଜିଜ୍ଞାସା କରିବାରୁ ବିଦ୍ୟାପତି ନିଜର ପ୍ରକୃତ ପରିଚୟ ଦେଇଥିଲେ ମଧ୍ୟ ଆସିବାର ଅସଲ ଉଦ୍ଦେଶ୍ୟଟି ଜଣାଇନଥିଲେ ସେମାନଙ୍କୁ। ଲଳିତା ଆଗନ୍ତୁକଙ୍କୁ ଅତିଥି ଦେବତା ମନେକରି ନିଜ ଘରକୁ ଆଣି ପିତା ଶବରରାଜ ବିଶ୍ୱାବସୁଙ୍କ ସହ ପରିଚିତ କରାଇଥିଲେ। ବିଶ୍ୱାବସୁ ବିଦ୍ୟାପତିଙ୍କୁ ରାଜୋଚିତ ଆତିଥେୟତା ପ୍ରଦାନ କରି ନିଜ ଘରେ ରଖିଥିଲେ ଏବଂ ସେହି ସମୟରେ ଲଳିତାଙ୍କ ସହିତ ବିଦ୍ୟାପତିଙ୍କ ପ୍ରେମର ଘନିଷ୍ଠତା ବଢିଥିଲା। ଶବରରାଜ ବିଶ୍ୱାବସୁ ନିଜ ପ୍ରିୟ କନ୍ୟାର ଇଚ୍ଛା କୁ ସମ୍ମାନ ଦେଇ ବିଦ୍ୟାପତିଙ୍କ ସହ ତା'ର ବିବାହ କରାଇଥିଲେ। ଲଳିତାଙ୍କୁ ମାଧ୍ୟମ କରି ବିଦ୍ୟାପତି ନୀଳମାଧବଙ୍କର ସନ୍ଧାନ ପାଇଥିଲେ ଏବଂ ଦିନେ ମଧ୍ୟରାତ୍ରରେ ନୀଳମାଧବଙ୍କୁ ନୀଳପର୍ବତରୁ ଅପହରଣ କରି ନିଜ ରାଜ୍ୟକୁ ଫେରିଆସିଥିଲେ । କହିବା ବାହୁଲ୍ୟ ଯେ ଭକ୍ତବତ୍ସଳ ନୀଳମାଧବ ତାଙ୍କ ଭକ୍ତ ବିଶ୍ୱାବସୁ ସହିତ ହୋଇଥିବା ବିଶ୍ୱାସ ଘାତକତାକୁ ସହ୍ୟ କରିନପାରି ବିଦ୍ୟାପତିଙ୍କ ନିକଟରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ ସେ ଦାରୁ ରୂପରେ ମହୋଦଧିର ବାଙ୍କୀ ମୁହାଣରେ ମିଳିବେ। ମହାରାଜା ସେହି ଦାରୁରେ ନିଜର ଇଚ୍ଛା ଅନୁସାରେ ମନ୍ଦିର ଓ ବିଗ୍ରହ ନିର୍ମାଣ କରି ତାଙ୍କ ପୂଜାର୍ଚ୍ଚନା କରିପାରିବେ। ଏପଟେ ଶବରରାଜ ବିଶ୍ୱାବସୁ କିନ୍ତୁ ନୀଳମାଧବଙ୍କୁ ନଦେଖି ଦୁଃଖରେ ମ୍ରିୟମାଣ ହୋଇପଡିଲେ, ତାଙ୍କ ଦର୍ଶନ ବିନା ତ' ସେ ଅନ୍ନଜଳ ସ୍ପର୍ଶ କରନ୍ତି ନାହିଁ, ଏବେ କେମିତି ଦେହଧରି ରହିବେ ସେ ! ନୀଳମାଧବ ଭକ୍ତର ଦୁଃଖ ସହି ନପାରି ତାଙ୍କୁ ଇନ୍ଦ୍ରଦ୍ୟୁମ୍ନଙ୍କ ଠିକଣା ବତାଇଦେଲେ ଏବଂ ଯେ ସେ ଶବରରାଜ ବିଶ୍ୱାବସୁଙ୍କ ଦ୍ୱାରା ପୂଜିତ ହେବା ପାଇଁ ଚାହୁଁଥିବା କଥା ଇନ୍ଦ୍ରଦ୍ୟୁମ୍ନ ଙ୍କୁ ଜଣାଇ ଦେଲେ।

ସେହି ପୌରାଣିକ କିମ୍ବଦନ୍ତୀକୁ ଆଧାର କରି ନୟାଗଡ଼ର କଣ୍ଟିଲୋ ଠାରେ ମହାନଦୀ, କୁଆଁରିଆ ଏବଂ କୁସୁମୀ ନଦୀର ସଙ୍ଗମ ସ୍ଥଳରେ ବ୍ରହ୍ମାଦ୍ରୀ ପର୍ବତ ଉପରେ ତିଆରି ହୋଇଛି ନୀଳମାଧବ ମନ୍ଦିର। ଯେଉଁଠାରେ ଦଣ୍ଡାୟମାନ ନୀଳମାଧବ ବିଷ୍ଣୁ ରୂପରେ ପୂଜା ପାଉଛନ୍ତି। ଘନକଳା ମୁଗୁନି ପଥରରେ ନିର୍ମିତ ଏହି ଚତୁର୍ଭୁଜ ବିଷ୍ଣୁ ମୂର୍ତ୍ତି ଙ୍କର ଦୁଇ ଭୂଜରେ ଶଙ୍ଖ, ଚକ୍ର, ସୁଶୋଭିତ, ମୂର୍ତ୍ତି ଙ୍କ ଅନ୍ୟ ଦୁଇଟି ହାତ ରହିଛି ପାଦ ପାଖରେ ଥିବା ଲକ୍ଷ୍ମୀ ଏବଂ ସରସ୍ୱତୀ ଙ୍କ ମୂର୍ତ୍ତି ର ମଥାରେ। ଏଠାରେ ବିଷ୍ଣୁଙ୍କର ଆଉ ଦୁଇଟି ଆଭୂଷଣ ଗଦା, ପଦ୍ମ ନାହିଁ ବରଂ ବିଷ୍ଣୁ ମୂର୍ତ୍ତି ଙ୍କ ବାମ ପାଦ ବୁଢା ଆଙ୍ଗୁଠିରୁ ଗଙ୍ଗାର ଧାର ବହି ସେହି ରତ୍ନବେଦୀରୁ ଭିତରେ ଭିତରେ କୁଆଡେ ଯେ ଯାଉଛି ତାହା ଦେବ ମାନବଙ୍କୁ ଅଗୋଚର।

ଅଧୁନା ଦୃଶ୍ୟମାନ ହେଉଥିବା ପ୍ରାଚୀନ ବଉଳମାଳିଆ ପଥରରେ ନିର୍ମିତ ମନ୍ଦିରଟି ସପ୍ତମ ଶତାବ୍ଦୀର ବୋଲି ଏଠାର ପୁରୁଖା ଗ୍ରାମବାସୀମାନେ କହନ୍ତି ଅର୍ଥାତ୍ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ବଡଦେଉଳ ଏବଂ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଠାରୁ ମଧ୍ୟ ଏହା ପୁରାତନ ମନ୍ଦିର। ତତ୍ କାଳୀନ କଳିଙ୍ଗର ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ଏହି ମନ୍ଦିର ଟିରେ ପୁରୀର ଶ୍ରୀମନ୍ଦିର ଭଳି ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଦିଗରେ ଚାରିଟି ପ୍ରବେଶ ପଥ ବା ଦ୍ୱାର ରହିଛି। ପାହାଡ଼ର ପାଦଦେଶରୁ ଦୀର୍ଘ ପାହାଚ ସବୁ ଲମ୍ବିଛି ଚାରି ଦ୍ୱାର ଦେଇ ମନ୍ଦିର ଭିତରକୁ ଯିବା ପାଇଁ। ପୂର୍ବ ପଟ ଦ୍ୱାରର ଦୁଇ ପଟରେ ଦୁଇଟି ସିଂହ ମୂର୍ତ୍ତି ରହିଛନ୍ତି ତେଣୁ ଏହାକୁ ସିଂହଦ୍ୱାର, ପଶ୍ଚିମ ଦ୍ୱାରକୁ ବ୍ୟାଘ୍ର ଦ୍ୱାର, ଉତ୍ତର ଦ୍ୱାରକୁ ହସ୍ତୀ ଦ୍ୱାର ଏବଂ ଦକ୍ଷିଣ ଦ୍ୱାରକୁ ଅଶ୍ୱ ଦ୍ୱାର କୁହାଯାଏ। ପଶ୍ଚିମ ଦ୍ୱାରଟି ଅପେକ୍ଷାକୃତ ସହଜଗମ୍ୟ ହୋଇଥିବାରୁ ପ୍ରାୟତଃ ପର୍ଯ୍ୟଟକ ମାନେ ସେଇ ପଟଦେଇ ମନ୍ଦିରକୁ ଯିବାପାଇଁ ପସନ୍ଦ କରିଥାନ୍ତି। ସେହି ପଟରେ ଏବେ ମହାନଦୀରେ ଗଙ୍ଗା ଆଳତି କରିବା ପାଇଁ ନଦୀ ଭିତରକୁ ସ୍ୱତନ୍ତ୍ର ବୁରୁଜ ଭଳି ସ୍ଥାନଟିଏ ତିଆରି ହୋଇଛି ଯେଉଁଠାରେ ଶିବଲିଙ୍ଗ ଆକୃତିଟିଏ ଅଛି। ସେଠାରେ ପ୍ରତ୍ୟେକ ପୂର୍ଣ୍ଣିମାରେ ହରିହରଙ୍କ ପୂଜାର୍ଚ୍ଚନା ସହ ଗଙ୍ଗା ଆଳତି ହୋଇଥାଏ। କାଳକ୍ରମେ ବେଢା ଭିତରେ ଗଢି ଉଠିଛି ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ନୃସିଂହ, ବରାହ, ସାକ୍ଷୀଗୋପାଳ , ଷଷ୍ଠୀ ଦେବୀ, ସରସ୍ୱତୀ ଦେବୀ, ଦ୍ୱାରକାନାଥ, ବଦ୍ରିନାଥ ଇତ୍ୟାଦି ଇତ୍ୟାଦି ଅନେକ ଗୁଡ଼ିଏ ମନ୍ଦିର। ଆହୁରି ମଧ୍ୟ ସରକାରଙ୍କ ତରଫରୁ ଗଢା ଯାଇଛି "ନୀଳ ମାଧବ ମିଉଜିୟମ" ଯେଉଁଠି ନୀଳମାଧବଙ୍କ ଆବିର୍ଭାବ ସମ୍ବନ୍ଧୀୟ ଅନେକ କଳାକୃତି ରହିଛି।

ମନ୍ଦିର ଭିତରେ ନୀଳମାଧବଙ୍କୁ ମାଧବ ମନ୍ତ୍ରରେ ପୂଜାର୍ଚ୍ଚନା କରାଯାଏ। ସେଥିପାଇଁ କାହିଁ କେଉଁ କାଳରୁ ବ୍ରାହ୍ମଣ ନିଯୋଗ ରହିଛି। ସକାଳେ ମଙ୍ଗଳ ଆଳତି ପରେ ବାଳ ଭୋଗ ମଧ୍ୟାହ୍ନରେ ଅନ୍ନପ୍ରସାଦ, ସନ୍ଧ୍ୟା ପାଞ୍ଚଟାରେ ଆଳତି ପରେ ପୁନର୍ବାର ବାଳଭୋଗ ଏବଂ ରାତିରେ କ୍ଷୀରି ଭୋଗ ଲାଗି ହୋଇଥାଏ।

ପୁରାତନ ପୌରାଣିକ କିମ୍ବଦନ୍ତୀର ଚିହ୍ନ ସ୍ୱରୂପ ଏଠାରୁ ମାତ୍ର କେଇ କିଲୋମିଟର ଦୂରରେ ଘନ ଜଙ୍ଗଲ ଭିତରେ ଧାଙ୍ଗଡି ପାହାଡ଼ ଉପରେ "ଧାନ ଚାଙ୍ଗଡା" ପଂଚାୟତରେ ରହିଛି ଶବରରାଜ ବିଶ୍ୱାବସୁଙ୍କ ନିଜ ଗ୍ରାମ "କାଳିଆ ପଲ୍ଲୀ" ଶ୍ୱରସ୍ତି।

ଲୋକଶ୍ରୁତି ରହିଛି ଯେ ଶବରରାଜ ବିଶ୍ୱାବସୁ ଏହିଠାରେ ସପରିବାର ବାସ କରୁଥିଲେ । ଏଠାରୁ କିଛିଦୂରରେ ପାହାଡ଼ ଗୁମ୍ଫାରେ ରହିଥିଲେ ନୀଳମର୍କତମଣି ନୀଳମାଧବ, ଯେଉଁଠାକୁ ବିଶ୍ୱାବସୁ ପ୍ରତିଦିନ ଗୁପ୍ତରେ ଯାଇ ଠାକୁରଙ୍କୁ ପୂଜାର୍ଚ୍ଚନା କରୁଥିଲେ। ସେଠାରେ ରହିଛି ଛୋଟ ମନ୍ଦିରଟି ମଧ୍ୟରେ ରହିଛି ଲଳିତ ମାଧବ ମୂର୍ତ୍ତି ଏବଂ ବାହାରେ ବିଶ୍ୱାବସୁ ଙ୍କ ମୂର୍ତ୍ତି , ଲଳିତା ବିଦ୍ୟାପତିଙ୍କ ମୂର୍ତ୍ତି ସହ ସେକାଳରେ ଶବରମାନଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଅନେକ ଅସ୍ତ୍ରଶସ୍ତ୍ର। କିଛି ଦୂରରେ ରହିଛି ଶିଆଳି ଲତାର ଦୋଳିଟିଏ। ସ୍ଥାନୀୟ ଲୋକଙ୍କ ବିବରଣୀରୁ ଜଣାଯାଏ ଯେ ଏହିଠାରେ ଶୋଇଥିଲା ବେଳେ ଜାରା ଶବର ଶ୍ରୀକୃଷ୍ଣଙ୍କୁ ତୀର ମାରିଥିଲା। ମାତ୍ର ଏହାର କୌଣସି ତଥ୍ୟ ଭିତ୍ତିକ ପ୍ରମାଣ ମିଳେ ନାହିଁ।

ପାହାଡ଼ ତଳକୁ ଓହ୍ଲାଇ ଆହୁରି କିଛି ବାଟ ଗଲାପରେ ରହିଛି ମା' ନାରାୟଣୀଙ୍କ ମନ୍ଦିର ଏବଂ ସ୍ୱପ୍ନେଶ୍ୱର ଶିବ ମନ୍ଦିର। କୁହାଯାଏ ଯେ କଣ୍ଟିଲୋ ନୀଳମାଧବଙ୍କୁ ଦର୍ଶନ କରି ମା' ନାରାୟଣୀଙ୍କୁ ଦର୍ଶନ ନକଲେ ଯାତ୍ରା ପୂର୍ଣ୍ଣ ହୁଏ ନାହିଁ।

ଗମନାଗମନର ସୁବିଧା ହେତୁ ବର୍ଷର ସବୁ ସମୟରେ ନୀଳମାଧବ ମନ୍ଦିରକୁ ଭକ୍ତମାନେ ଛୁଟି ଆସନ୍ତି। ଏଠାକାର ମୁଖ୍ୟ ପର୍ବ ହେଉଛି ମାଘ ସପ୍ତମୀ, ଭୈମୀ ଏକାଦଶୀ ଠାରୁ ମାଘ ପୂର୍ଣ୍ଣିମା ଯାଏଁ ଏଠାରେ ଖୁବ୍ ଧୁମଧାମରେ ପାଳିତ ହୁଏ ଏବଂ ଏହି ସମୟରେ ମେଳା ଲାଗେ। ତେଣୁ ଏହି ସମୟରେ ଏଠାରେ ଅନେକ ପର୍ଯ୍ୟଟକ ମାନଙ୍କ ଭିଡ଼ ଲାଗେ। ଆଉ ଗୋଟିଏ ମୁଖ୍ୟ ପର୍ବ ହେଉଛି ପୌଷ ପୂର୍ଣ୍ଣମା। ଏହି ଦିନ ନୀଳମାଧବଙ୍କର ସୁନାବେଶ ହୋଇଥାଏ।

ଏହି ମନ୍ଦିରଟି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରୁ ମାତ୍ର ବୟାଅଶୀ କିଲୋମିଟର ଦୂରରେ ଅବସ୍ଥିତ ଏବଂ ଏହାର ନିକଟତମ ରେଳଷ୍ଟେସନ ହେଉଛି ନୟାଗଡ଼। ନିକଟତମ ବିମାନ ବନ୍ଦର ହେଉଛି ବିଜୁ ପଟ୍ଟନାୟକ ବିମାନ ବନ୍ଦର, ଭୁବନେଶ୍ୱର। ସଡ଼କ ପଥରେ ଏହା ସମସ୍ତ ଆନ୍ତଃରାଜ୍ୟ ବସ୍ ସେବା ଦ୍ୱାରା ସଂଯୋଗିତ। ବିଶେଷ କରି ଏଠାରେ ନଦୀ କୂଳରେ ଥିବା ନୀଳମାଧବ ମନ୍ଦିର ଏବଂ ନଦୀ ଆରପଟେ ଥିବା ମା' ଭଟ୍ଟାରିକାଙ୍କ ମନ୍ଦିର ଦେଖିବାକୁ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗେ।

♥ ଶାରଳା ଭବନ, ପୋତାପୋଖରୀ
କଟକ-୪

---

# ଶ୍ରମିକ ଅସୁରକ୍ଷିତ



### ସତ୍ୟ ମହାପାତ୍ର

ନିର୍ବାଚନର ତାତି ଭିତରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ଗଣମାଧ୍ୟମର ଉହାଡ଼ରେ ରହିଯାଇଛି। ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏକ ଖଣି କ୍ରସରରେ ବିସ୍ଫୋରଣ ହୋଇ ଦୁଇଜଣଙ୍କ ଅଭାବନୀୟ ମୃତ୍ୟୁ ହୋଇଯାଇଛି। ଓଡ଼ିଶାରେ ଏଭଳି ଦୁର୍ଘଟଣା ନୂଆ ନୁହେଁ, ସମୟାନ୍ତରରେ ଏହା ଗତି ଅନେକ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଉଲ୍ଲେଖନୀୟ ଯେ ବିଗତ ବର୍ଷ ଗୁଡ଼ିକରେ ଖୋର୍ଦ୍ଧା, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ଅନେକ ବେଆଇନ କ୍ରଶରକୁ ବନ୍ଦ କରାଯାଇଛି। କିନ୍ତୁ ଏବେ ଚାଲୁଥିବା କ୍ରଶରଗୁଡ଼ିକ ଯୋଗୁ ହେଉଥିବା ପ୍ରଦୂଷଣ ଓ ସେଥିରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ଥିତି ସାମ୍ନାକୁ ଆସିପାରୁନାହିଁ। କେବଳ କ୍ରଶର ନୁହେଁ ପଥର ଖାଦାନ, ଖଣି ଖନନ, ନିର୍ମାଣ, ଇଟାଭାଟି, କଳକାରଖାନା ଭଳି ଅନେକ ଅଣସଂଗଠିତ କ୍ଷେତ୍ରରେ ଶ୍ରମିକମାନେ ଦୁର୍ଘଟଣାରେ ମୃତାହାତ ହେଉଥିବା ଖବର ମଧ୍ୟ ପ୍ରକାଶ ପାଉଛି। ଦୁର୍ଘଟଣା ଘଟିବାର କିଛି ଦିନ ଧରି ଶ୍ରମ ଆଇନ କିମ୍ବା କାର୍ଯ୍ୟକ୍ଷେତ୍ରର ବୈଧତାକୁ ନେଇ ବିତର୍କ ଚାଲେ। କିନ୍ତୁ ଶ୍ରମିକଙ୍କ ଭାଗ୍ୟରେ କିଛି ପରିବର୍ତ୍ତନ ଦେଖାଯାଏ ନାହିଁ। ଶ୍ରମିକଙ୍କ ମୃତ୍ୟୁ ଘଟିଲା କିମ୍ବା ଅର୍କମଣ୍ୟ ହୋଇଗଲେ ଯତ କିଞ୍ଚିତ କ୍ଷତିପୂରଣରେ ପରିବାର ଗୁଡ଼ିକୁ ସନ୍ତୁଷ୍ଟ ହେବାକୁ ପଡ଼େ। ଉଦାହରଣ ସ୍ୱରୂପ ଓଡ଼ିଶାରୁ କଳାହାଣ୍ଡି, କୋରାପୁଟ, ମାଲକାନାଗିରି, ବଲାଙ୍ଗୀର ଆଦି ଜିଲ୍ଲାରୁ ଆନ୍ଧ୍ର, ତେଲେଙ୍ଗାନାକୁ ଦାଦନ ଶ୍ରମିକ ଭାବେ ଅନେକେ ଯାଉଛନ୍ତି। ସେଠାରେ ଇଟା ଭାଟି କିମ୍ବା କୌଣସି କାରଖାନାରେ ଦୁର୍ଘଟଣା ଘଟି ଶ୍ରମିକଙ୍କ ମୃତ୍ୟୁ ଘଟିଲେ କିମ୍ବା ଆହାତ ହେଲେ ସେମାନଙ୍କ ନାଁ ଓ ଗାଁ ଠିକଣା ଜଣାପଡ଼େ। ସେମାନଙ୍କ ମୃତଦହେ ଅଣାଯାଏ କିମ୍ବା ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିଥାନ୍ତି। କିନ୍ତୁ ତା ପର ସ୍ଥିତିରେ ସେମାନେ ପରିବାର କେମିତି ବଞ୍ଚନ୍ତି, ସେଥିପ୍ରତି କାହାର ନିଘା ନାହିଁ। ସାଧାରଣତଃ ରାଜ୍ୟରୁ କେତେ ସଂଖ୍ୟକ ଶ୍ରମିକ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି କିମ୍ବା ରାଜ୍ୟ ଭିତରେ ବିଭିନ୍ନ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅଛନ୍ତି, ତାହାର ବିବରଣୀ ଜାଣିବା କଷ୍ଟକର। ଏହାର ପ୍ରମାଣ କୋଭିଡ଼ ସମୟରେ ସାମ୍ନାକୁ ଆସିଥିଲା। ସେତେବେଳେ ଏ ସଂକ୍ରାନ୍ତ ତଥ୍ୟ କାହା ପାଖରେ ନଥିଲା। ଏବେ ବି ଏହାର ପୂର୍ଣ୍ଣ ତାଲିକା ପାଇବା ସମ୍ଭବ ନୁହେଁ। ପାଶ୍ଚାତ୍ୟରେ ଶ୍ରମିକ ମାନଙ୍କୁ ଉପଯୁକ୍ତ ତାଲିମ ଦିଆଯିବା ସହ ସେମାନଙ୍କ ଶାରୀରିକ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ କରାଯାଇଥାଏ। ହେଲେ ଓଡ଼ିଶା ସମେତ ଭାରତର ସ୍ଥିତି ଦେଖିଲେ ବିଭିନ୍ନ ବିପଦପୂର୍ଣ୍ଣ କାରଖାନା ଠାରୁ ଆରମ୍ଭ କରି ନିର୍ମାଣ କ୍ଷେତ୍ର ଯାଏ ବିନା ପ୍ରଶିକ୍ଷଣରେ ଅଧିକାଂଶ ଶ୍ରମିକ କାମ କରନ୍ତି। ଏଠାରେ ଯେହେତୁ କମ୍ପାନୀ କିମ୍ବା ସଂସ୍ଥାର ମାଲିକ ଏହି ସୂକ୍ଷ୍ମ ତଥା ନିତାନ୍ତ ଜରୁରୀ ଦିଗ ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ, ସେହି ଦୃଷ୍ଟିରୁ ଦେଖିଲେ ଦୁର୍ଘଟଣା ବଢ଼ି ଯାଉଛି। ଏଥି ସହିତ ଶ୍ରମ ଆଇନ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟ ନିର୍ଘଣ୍ଟ ଠାରୁ ଅଧିକ ସମୟ ଶ୍ରମିକ କାମ କରୁଥିବାରୁ ସେମାନଙ୍କ ଉପରେ ଚାପ ରହୁଛି। ଶାରୀରିକ ଓ ମାନସିକ କ୍ଷେତ୍ରରେ ସେମାନେ ପ୍ରଭାବିତ ହେଉଛନ୍ତି। ଖଣି ଶ୍ରମିକ ମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସର୍ବାଧିକ ପ୍ରଭାବିତ ହେଉଛନ୍ତି। କେବଳ ଶ୍ରମିକ ନୁହଁନ୍ତି, ସେମାନଙ୍କ ପରିବାର ମଧ୍ୟ ଅନେକାଂଶରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନରେ କୌଣସି ଦଳର ନିର୍ବାଚନୀ ଘୋଷଣାନାମାରେ ଶ୍ରମିକ କଲ୍ୟାଣ ବା ଶ୍ରମିକ ସୁରକ୍ଷା ପାଇଁ ସଂକଳ୍ପ ପତ୍ରରେ କୌଣସି ଘୋଷଣା ରହି ନାହିଁ । ରାଜ୍ୟ ଓ ଜାତୀୟ ସ୍ତରରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ଆଇନ ରହିଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ଠିକ ଭାବେ ହୋଇପାରୁ ନଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଶ୍ରମିକ ସୁରକ୍ଷା ମାନଙ୍କ ପାଳନ କରାଯାଉ ନାହିଁ ଯାହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ଉତ୍ତରାଖଣ୍ଡ ସିଲକେରା ଟନେଲ ଦୁର୍ଘଟଣା ସମୟରେ। ଏହା ସ୍ପଷ୍ଟ ଯେ ଭାରତ ଅର୍ଥ ବ୍ୟବସ୍ଥାରେ ଶ୍ରମ ଭାଗୀଦାରିର ଯଥେଷ୍ଟ ଭୂମିକା ରହିଥିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ସୁରକ୍ଷାକୁ ଅଣଦେଖା କରାଯିବା ପରିତାପର ବିଷୟ। ଅନ୍ୟପକ୍ଷରେ ଶ୍ରମିକଙ୍କ ଦୁର୍ଘଟଣା ପରେ ସମ୍ପୃକ୍ତ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା କ୍ୱଚିତ ଦେଖାଯାଉଛି। କେବଳ କାରଖାନାରେ ମୃତ ଶ୍ରମିକଙ୍କ ଉଦାହରଣ ନେଲେ ଏହା ସହଜରେ ବୁଝିହେବ। ଇଣ୍ଡିଆ ସ୍ପେଣ୍ଡ ଦ୍ୱାରା ପ୍ରାପ୍ତ ଆରଟିଆଇ ତଥ୍ୟ ଅନୁଯାୟୀ ୨୦୧୮ରୁ ୨୦୨୦ ମଧ୍ୟରେ ୩୩୩୧ ଜଣଙ୍କ ଶ୍ରମିକ ମୃତ୍ୟୁ ହୋଇଥିଲା ବେଳେ ମାତ୍ର ୧୪ ଜଣଙ୍କ ବିରୋଧରେ ଫାକ୍ଟ୍ରି ଆକ୍ଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିର୍ମାଣ କ୍ଷେତ୍ରକୁ ଯଦି ବିଚାରକୁ ନିଆଯାଏ, ତେବେ କୌଣସି କ୍ଷେତ୍ରରେ ଶ୍ରମିକଙ୍କ ମୃତ୍ୟୁ ହେଲେ ଇଞ୍ଜିନିୟର କିମ୍ବା ଠିକାଦାରଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସେଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ। ଉଲ୍ଲେଖନୀୟ ଯେ ଭାରତର ଶ୍ରମ ଶକ୍ତିର ୮୦ ପ୍ରତିଶତ ଅଣସଂଗଠିତ କ୍ଷେତ୍ର ସହ ଜଡ଼ିତ। ତେଣୁ ଶ୍ରମ ବଜାରର ଏକ ବୃହତ୍ ବର୍ଗଙ୍କ ସୁରକ୍ଷାକୁ ଅଣଦେଖା କରିଚାଲିଲେ ଏକ ଉତ୍ପାଦନକ୍ଷମ ତଥା ସମୃଦ୍ଧ ରାଷ୍ଟ୍ର ଗଠନ କଷ୍ଟକର ହୋଇପଡ଼ିବ।

♥ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୨ ଜୁନ୍ ୨୦୨୪
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



ଚେତନାର ଦର୍ପଣ - ୩୨

# ବ୍ୟବହାରିକ ଜ୍ଞାନ



♥ ଲଳିତ ମୋହନ ମିଶ୍ର

ପୁରୀ ଜଗନ୍ନାଥଙ୍କ ବିଷୟରେ ପଢିବା ଶୁଣିବା ଅପେକ୍ଷା ସିଧାସଳଖ ଦର୍ଶନ କରିବା ଅଧିକ ଫଳପ୍ରଦ । ସେହିଭଳି ଜୀବନରେ ଲକ୍ଷ୍ୟ ହାସଲ କରିବା ପାଇଁ ଯେ କୌଣସି ଜିନିଷର ପ୍ରତ୍ୟକ୍ଷ ଦର୍ଶନ ଅର୍ଥାତ୍ ବ୍ୟବହାରିକ ଜ୍ଞାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ରାମକୃଷ୍ଣ ପରମହଂସ କହିଛନ୍ତି - ଆଜିକାଲି ବ୍ୟବହାରିକ ଜ୍ଞାନ ପାଇବା ପାଇଁ ଯୁବପିଢ଼ି ମୋଟା ମୋଟା ବହି ପଢୁଛନ୍ତି। ଯଦି ସେମାନେ ଚରମ ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ବୁଝିବାକୁ ପଡ଼ିବ। ଶାସ୍ତ୍ର ବା ଗ୍ରନ୍ଥ କେବଳ ଭଗବାନଙ୍କ ନିକଟରେ ପହଞ୍ଚିବାର ବାଟ ଦେଖାଇଥାଏ । ସଠିକ ମାର୍ଗ ଜାଣିବା ପରେ ଶାସ୍ତ୍ର ଓ ଗ୍ରନ୍ଥର ଆବଶ୍ୟକତା କମ୍ ଥାଏ । ତା'ପରେ ବ୍ୟବହାରିକ ଜ୍ଞାନ କାମରେ ଆସିଥାଏ । କିଛି ଲୋକ ଭାବନ୍ତି ଯେ ପୁସ୍ତକ ନ ପଢିଲେ ଭଗବାନଙ୍କ ବିଷୟରେ ଜ୍ଞାନ ହାସଲ ହୋଇପାରିବ ନାହିଁ । ଗୋଟିଏ କଥା ଜାଣିବା ଜରୁରୀ... ପଢ଼ିବା ଅପେକ୍ଷା ଶୁଣିବା ଭଲ । ଶୁଣିବା ଅପେକ୍ଷା ଦେଖିବା ଭଲ । ଦେଖିବା ହେଉଛି ବ୍ୟବହାରିକ ଜ୍ଞାନ । ନିଜେ ପଢ଼ିବା ଅପେକ୍ଷା ଗୁରୁଙ୍କ ପାଟିରୁ ସତ୍ୟ ଶୁଣିଲେ ଅନୁଭବ ଗଭୀର ହୋଇଥାଏ, କିନ୍ତୁ ପ୍ରତ୍ୟକ୍ଷ ଦର୍ଶନର ପ୍ରଭାବ ସବୁଠାରୁ ଅଧିକ ହୋଇଥାଏ । ଜଗନ୍ନାଥଙ୍କ ବିଷୟରେ ପଢ଼ିବା ପରିବର୍ତ୍ତେ ପୁରୀ ଯାଇଥିବା ବ୍ୟକ୍ତିଙ୍କ ଓଠରୁ ଶୁଣିବା ଭଲ। ଜଗନ୍ନାଥଙ୍କୁ ନିଜ ଆଖିରେ ଦେଖିବା ଭଲ । ଗାଁର ଚାରି ଜଣ ମହିଳା କୂଅରୁ ପାଣି ଭରିବା ସମୟରେ ନିଜ ପୁଅମାନଙ୍କୁ ପ୍ରଶଂସା କରୁଥିଲେ । ଜଣେ ମହିଳା କହିଲେ, ମୋ ପୁଅ ପାଠ ପଢ଼ି ପୁରୀରୁ ଆସିଛି । ସେ ଜଣେ ସଂସ୍କୃତ ପଣ୍ଡିତ ହୋଇପାରିଛି । ସେ ବଡ ବଡ ଗ୍ରନ୍ଥଗୁଡ଼ିକୁ ତୁଣ୍ଡରେ କହି ପକାଉଛି । ଦ୍ୱିତୀୟ ମହିଳା କହିଲେ, ମୋ ପୁଅ ଜ୍ୟୋତିଷ ଶାସ୍ତ୍ର ପଢିଛି, ସେ ଭବିଷ୍ୟବାଣୀ କରୁଛି । ତୃତୀୟ ମହିଳା କହିଲେ, ମୋ ପୁଅ ମଧ୍ୟ ଭଲ ପାଠ ପଢ଼ିଛି । ଚାକିରୀ କରୁଛି । ଅନ୍ୟ ଗାଁର ସ୍କୁଲରେ ଯାଇ ପାଠ ପଢ଼ାଉଛି । ଚତୁର୍ଥ ମହିଳା କିନ୍ତୁ ଚୁପ୍ ଚାପ୍ ଥାଆନ୍ତି । ତିନିଜଣ ଯାକ ମହିଳା ପଚାରିଲେ, ଆପଣଙ୍କ ପୁଅ କେତେ ଶିକ୍ଷିତ ? ଚତୁର୍ଥ ମହିଳା କହିଲେ, 'ମୋ ପୁଅ ଶିକ୍ଷିତ ନୁହେଁ, ବରଂ ସେ କଠିନ ପରିଶ୍ରମୀ । ସେ ଚାରିଜଣ ପାଣି ଧରି ଆଗକୁ ଚାଲିଲେ । ପ୍ରଥମ ମହିଳାଙ୍କ ପୁଅ ଆସୁଥିବା ଦେଖାଗଲା । ସେ ତାଙ୍କର ମା'ଙ୍କୁ ଅଭିନନ୍ଦନ ଜଣାଇ ଚାଲିଗଲା । ସେହିଭଳି ଦ୍ୱିତୀୟ ଓ ତୃତୀୟ ମହିଳାଙ୍କ ପୁଅମାନେ ମଧ୍ୟ ବାଟରେ ସାକ୍ଷାତ କରି ଅଭିବାଦନ ଜଣାଇ ଆଗକୁ ଚାଲିଲେ । ଚତୁର୍ଥ ମହିଳାଙ୍କ ପୁଅ ବାଟରେ ମା'ଙ୍କୁ ଦେଖି ଦୌଡ଼ି ଆସି ମୁଣ୍ଡରୁ ଜଳପାତ୍ର ଧରି କହିଲେ, ତୁମେ କାହିଁକି ଏକୁଟିଆ ଆସିଲ ? ମୋତେ ଡାକିଥାନ୍ତ । ଏତିକି କହି ସେ ଜଳପାତ୍ରକୁ ମୁଣ୍ଡରେ ରଖି ଚାଲିଲା । ତିନି ଜଣ ମହିଳା ଏସବୁ ଦେଖୁଥିଲେ। ତେଣୁ ଜୀବନରେ କେବଳ ପୋଥିଗତ ବିଦ୍ୟା ଯଥେଷ୍ଟ ନୁହେଁ, ଆମେ ଆମ ପିଲାମାନଙ୍କୁ ବ୍ୟବହାରିକ ଜ୍ଞାନ ମଧ୍ୟ ଶିଖାଇବା ଉଚିତ୍ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର



ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୨୯)

କଲେଜ ଜୀବନ..( କ )

> ପ୍ରଥମତଃ, ଜ୍ଞାନଗର୍ଭ ଅଧ୍ୟାପକ ମାନଙ୍କର ନିଜ ନିଜ ବିଷୟର ପଠନ ଶୈଳୀ ଯେମିତି ଉଚ୍ଚକୋଟିର ଥିଲା, ସେମିତି ବିଷୟବସ୍ତୁ ଉପରେ ସେମାନଙ୍କର ପ୍ରାଞ୍ଜଳ ଜ୍ଞାନବି ରହିଥିଲା ଯେଉଁଥିପାଇଁ ଜଣେ ବିଦ୍ୟାର୍ଥୀଙ୍କୁ ପଠିତ ବିଷୟ ସହଜରେ ବୋଧଗମ୍ୟ ହେଉଥିଲା ଓ ସେ କ୍ରମେକ୍ରମେ ସେମାନଙ୍କପ୍ରତି ଆକୃଷ୍ଟ ହେଉଥିଲା । ମୋ କ୍ଷେତ୍ରରେବି ସେଇଆହେଲା । ମୁଁ ନିଜକୁ ମୋର ପ୍ରତ୍ୟେକ ଗୁରୁଦେବଙ୍କ ଉଚ୍ଚ ବ୍ୟକ୍ତିତ୍ୱ ନିକଟରେ ଜଣେ ବାମନ ବୋଲି ବିବେଚନା କଲି । ଦ୍ୱିତୀୟତଃ, ମୋ ନିଜର ସହପାଠୀମାନଙ୍କ ମଧ୍ୟରୁ ଅନେକେ ମୋଠାରୁ ଅଧିକ ଜ୍ଞାନୀ ତଥା ଉଭୟ ଓଡିଆ ଓ ଇଂରାଜୀ ଭାଷାରେ ବାକ୍‌ପଟୁ ଥିଲେ ।

ମୁଁ ବର୍ତ୍ତମାନ ଜଣେ କଲେଜ ଛାତ୍ର। ମନରେ କେତେ ଗର୍ବ !

କିନ୍ତୁ, ଦିନ ଯେତିକି ବିତିଲା, ମୋ ମନର ଗର୍ବ ଓ ଅହଙ୍କାରର ବରଫ ତା'ଠାରୁ ଦ୍ରୁତ ଗତିରେ ତରଳିବାକୁ ଲାଗିଲା । କେତୋଟି କାରଣ ଏଥିପାଇଁ ଦାୟୀ ଥିଲା।

ପ୍ରଥମତଃ, ଜ୍ଞାନଗର୍ଭ ଅଧ୍ୟାପକ ମାନଙ୍କର ନିଜନିଜ ବିଷୟର ପଠନ ଶୈଳୀ ଯେମିତି ଉଚ୍ଚକୋଟିର ଥିଲା, ସେମିତି ବିଷୟବସ୍ତୁ ଉପରେ ସେମାନଙ୍କର ପ୍ରାଞ୍ଜଳ ଜ୍ଞାନବି ରହିଥିଲା ଯେଉଁଥିପାଇଁ ଜଣେ ବିଦ୍ୟାର୍ଥୀକୁ ପଠିତ ବିଷୟ ସହଜରେ ବୋଧଗମ୍ୟ ହେଉଥିଲା ଓ ସେ କ୍ରମେକ୍ରମେ ସେମାନଙ୍କପ୍ରତି ଆକୃଷ୍ଟ ହେଉଥିଲା । ମୋ କ୍ଷେତ୍ରରେବି ସେଇଆହେଲା । ମୁଁ ନିଜକୁ ମୋର ପ୍ରତ୍ୟେକ ଗୁରୁଦେବଙ୍କ ଉଚ୍ଚ ବ୍ୟକ୍ତିତ୍ୱ ନିକଟରେ ଜଣେ ବାମନ ବୋଲି ବିବେଚନାକଲି ।

ଦ୍ୱିତୀୟତଃ, ମୋ ନିଜର ସହପାଠୀମାନଙ୍କ ମଧ୍ୟରୁ ଅନେକେ ମୋଠାରୁ ଅଧିକ ଜ୍ଞାନୀ ତଥା ଉଭୟ ଓଡିଆ ଓ ଇଂରାଜୀ ଭାଷାରେ ବାକ୍ ପଟୁ ଥିଲେ । ମୁଁ କିନ୍ତୁ ଇଂରାଜୀ ଭାଷା ସାହିତ୍ୟରେ ବହୁତ ଦୁର୍ବଳଥିଲି, ଇଂରାଜୀ ଭାଷାରେ ଭାଷଣ ଦେବାକୁ ଡରୁଥିଲି । ତେଣୁ, ମୁ ନିଜକୁ ସେମାନଙ୍କ ଠାରୁ ନ୍ୟୁନ ମନେ କରୁଥିଲି ।

ତୃତୀୟତଃ, ମୁଁ ଯାଇଥିଲି ଏକ ଗ୍ରାମ୍ୟ ପରିବେଶରୁ । ତେଣୁ, ମୋ ଭିତରେ ସ୍ୱାଭାବିକ ଭାବରେ ସରଳତା ଓ ଅନ୍ୟ ମାନଙ୍କ ପ୍ରତି ସଂଭ୍ରମ ରହୁଥିଲା ଯାହାଫଳରେ ମୁଁ ସହଜରେ ସମସ୍ତଙ୍କ ସହିତ ମିଶିପାରୁ ନଥିଲି ।

ଆଉ ଏକ କଥାହେଲାଯେ ସହରୀଜୀବନ, ଚାଲି ଚଳଣ ଓ ବହୁତଳ ବିଶିଷ୍ଟ ପକ୍କାଘରେ ପଠନ, ଜିଲ୍ଲା ସଦର ମହକୁମାରେ ବହୁ ଉଚ୍ଚପଦସ୍ଥ ଅଫିସରଙ୍କ ଉପସ୍ଥିତି ଓ ସେମାନଙ୍କ କାର୍ଯ୍ୟାଳୟ ଇତ୍ୟାଦି ମୋ ମନରେ ଏକ ନ୍ୟୁନଭାବ ସୃଷ୍ଟି କରିଥିଲା।

କିନ୍ତୁ, ସମୟ ବିତିଯିବା ସହିତ, ମୋ ଭିତରୁ ହୀନମନ୍ୟତା ଅନେକାଂଶରେ ଦୂର ହୋଇଗଲା । ମୁଁ ଇଂରାଜୀ ଭାଷାରେ ମୋର ଜ୍ଞାନ ବୃଦ୍ଧି ନିମନ୍ତେ , କଲେଜରେ 'ଛାତ୍ରମାନଙ୍କ ସାଧାରଣ ପ୍ରକୋଷ୍ଠ'ରେ ନିୟମିତ ଭାବରେ ଇଂରାଜୀ ସଂବାଦପତ୍ର ଓ କଲେଜ ଲାଇବ୍ରେରୀରୁ ଇଂରାଜୀବହି ଆଣି ପଢିବାକୁ ଲାଗିଲି । କଲେଜ ଓ ଛାତ୍ରାବାସରେ ହେଉଥିବା ବିଭିନ୍ନ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କଲି ଓ କେତେଥର ସଫଳ ହୋଇ ପୁରସ୍କୃତବି ହେଲି । ମନର ବଳ ବୃଦ୍ଧିପାଇବା ସହିତ ଆତ୍ମବିଶ୍ୱାସବି ବଢିଲା ।

ସବୁଠାରୁ ବଡକଥାହେଲାଯେ ଓଡିଆକୁ ବାଦ୍ ଦେଇ ଅନ୍ୟ ସମସ୍ତ ବିଷୟ ଇଂରାଜୀ ମାଧ୍ୟମରେ ହିଁ ଶିକ୍ଷାଦାନ କରୁଥାନ୍ତି ଅଧ୍ୟାପକମାନେ । ତେଣୁ , ଇଂରାଜୀରେ ପଠନ ଓ ଲିଖନ ଜ୍ଞାନ ବୃଦ୍ଧିକରିବା ମୋପାଇଁ ଅପରିହାର୍ଯ୍ୟ ହୋଇ ପଡିଥିଲା ।

+୨ର ପ୍ରଥମ ଓ ପ୍ରାକ୍ ବଶ୍ୱବିଦ୍ୟାଳୟ ୧ମ ଶ୍ରେଣୀରେ ମୁଁ ନେଇଥିଲି ଓଡିଆ, ଅର୍ଥଶାସ୍ତ୍ର ଏବଂ ତର୍କଶାସ୍ତ୍ର ବିଷୟମାନ। ମାତୃଭାଷାବି ଥିଲା ଓଡିଆ । ତେଣୁ, ମୋପାଇଁ ଓଡିଆ ଭାଷାରେ ଜ୍ଞାନବୃଦ୍ଧିର ସୁଯୋଗ ଯଥେଷ୍ଟ ରହିଥିଲା । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ଅଧାରୁ ପାଠ ଛାଡୁଛନ୍ତି କାହିଁକି ?

## ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ



ଓଡ଼ିଶା ସରକାର ଶିକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ରୂପାନ୍ତରଣ କରିଛନ୍ତି। ରାଜ୍ୟର ସବୁ ପିଲା ଗୁଣାତ୍ମକ ଶିକ୍ଷା ପାଇପାରିବା ପାଇଁ ରାଜ୍ୟ ସରକାରଙ୍କ ଏହାକୁ ବଳିଷ୍ଠ ପଦକ୍ଷେପ ବୋଲି କୁହାଯାଉଛି। ସହଜେ ମାଗଣାରେ ପାଠ ପଢ଼ିବାର ସୁଯୋଗ ସରକାରୀ ସ୍କୁଲରେ ରହିଥିବାବେଳେ ବର୍ତ୍ତମାନର ସ୍କୁଲରେ ଏହି ନୂଆ ପରିବର୍ତ୍ତିତ ବଦଳ ଚେହେରା ଘରୋଇ ସ୍କୁଲ ଓ ସରକାରୀ ସ୍କୁଲ ଭିତରେ ରହିଥିବା ତଫାତକୁ କମାଇ ଦେଇଛି। ତେବେ ଏସବୁ ସତ୍ତ୍ୱେ ପାଠପଢ଼ାର ଗୁଣାତ୍ମକ ମାନ ସରକାରୀ ସ୍କୁଲ ଗୁଡ଼ିକରେ ସେପରି ବଢ଼ିଛି କି ? ନିକଟରେ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ରାଜ୍ୟର ଅଧିକାଂଶ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ପଢୁଥିବା ପିଲାମାନେ ସହଜ ମିଶାଣ ଫେଡାଣ, ହରଣ ଗୁଣନକୁ ଆୟତ୍ତ କରିପାରୁ ନାହାଁନ୍ତି। ଅନେକ ବିଦ୍ୟାଳୟରେ ଭିତ୍ତିଭୂମି ଯାହା ତାହା ନକହିବା ଭଲ। ଖାଲି ରଙ୍ଗ ବୋଳି ଦେଇ ରଙ୍ଗୀନ ଭେଳିକି ଆକର୍ଷଣ ବାହାରକୁ ସଜାଇ ଦେଲେ ଏହା ଶିକ୍ଷାର ବିକାଶ ନୁହେଁ ବୋଲି ଶିକ୍ଷାବିତ୍‌ମାନଙ୍କ ମତ। ରାଜ୍ୟର ଅଧିକାଂଶ ଜାଗାରେ ଏବେ ବି କେଉଁଠି ସ୍କୁଲ ନାହିଁତ କେଉଁଠି ଶିକ୍ଷକ ନାହାଁନ୍ତି, କେଉଁଠି ମଧ୍ୟାହ୍ନ ଭୋଜନ ବାଟମାରଣା ହେଉଛି ତ କେଉଁଠି ଗଛତଳେ ମଧ୍ୟ ଏବେ ବି ସ୍କୁଲ ଚାଲିଛି। ଏହିପରି ସମୟରେ ଓଡ଼ିଶାରେ ଶିକ୍ଷା ବିକାଶକୁ ନେଇ ଯେତେ ଢ଼ୋଲ ବାଜା ବଜାଇଲେ ମଧ୍ୟ ଏହା ସତ୍ୟ ନା ଅର୍ଦ୍ଧସତ୍ୟ ଜଣେ ଅନୁଭବୀଙ୍କୁ ଜଣା। କେଉଁଠି ବିଦ୍ୟାଳୟରେ ପିଲାମାନେ ନିଜେ ରୋଷେଇ ପାଇଁ କାଠ ଯୋଗାଡ଼ କଲେଣି ତ କେଉଁଠି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଚାକିରୀ ବଞ୍ଚାଇବା ପାଇଁ ଶ୍ରମ ଓ ସମୟ ଦାନ କରି ରୋଷେଇବାସରେ ବ୍ୟସ୍ତ। ଯାହାଦ୍ୱାରା ସେହି ରୋଷେଇ ଚୁଲିରେ ପିଲାଙ୍କ ପାଠପଢ଼ା ସ୍ୱାହା ହେଉଛି।

ସରକାରୀ ସ୍କୁଲରେ ମାଗଣାରେ ପାଠ ପଢ଼ିବାର ସୁଯୋଗ ଥିବା ସତ୍ତ୍ୱେ ବାପା ମା କାହିଁକି ସେ ସବୁ ସ୍କୁଲରେ ପିଲାଙ୍କୁ ନ ପଢ଼ାଇ ଅଧିକ ଖର୍ଚ୍ଚାନ୍ତ ହୋଇ ଘରୋଇ ସ୍କୁଲରେ ପଢ଼ାଉଛନ୍ତି ସେଇଟା ହିଁ ମୂଳ ପ୍ରଶ୍ନ। ସରକାରୀ ସ୍କୁଲ ପ୍ରତି ବାପା ମାଙ୍କର ଆସ୍ଥା ଏ ଯାଏ ବୋଧେ ଆସିନି। ଆଉ ଏକ ସମସ୍ୟା ହେଉଛି ରାଜ୍ୟରେ ଅନେକ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଛନ୍ତି। ମ୍ୟାଟ୍ରିକ ପରୀକ୍ଷା ଦେଉ ନାହାଁନ୍ତି। ଏହାର କାରଣ କ'ଣ ? ଡ୍ରପଆଉଟ ଭିତରୁ ଅଧିକାଂଶ ବିଭିନ୍ନ ବୃତ୍ତିକୁ ଆପଣେଇ ନେଇଛନ୍ତି ପରିବାର ପ୍ରତିପୋଷଣ ପାଇଁ। କେହି କେହି ବାହାର ରାଜ୍ୟକୁ ମଧ୍ୟ ଯାଇଛନ୍ତି କାମ କରିବା ପାଇଁ। ପାଠ ସେମାନଙ୍କୁ ରୋଜଗାର ଦେଇପାରିବନି - ଏଭଳି ଏକ ସାଧାରଣ ସେମାନଙ୍କ ମନରେ ସୃଷ୍ଟି ହୋଇଛି। ଏଇ କାରଣରୁ ହିଁ ସେମାନେ ପାଠ ଛାଡୁଛନ୍ତି। ପାଠପଢ଼ି ବେକାର ରହିବା ଅପେକ୍ଷା ତା ପୂର୍ବରୁ କୌଣସି ବୃତ୍ତି ଆପଣେଇ ନେବା ଭଲ ବୋଲି ସେମାନେ ମତ ଦିଅନ୍ତି।

ବିଭିନ୍ନ କାରଣରୁ ମୁଖ୍ୟ ସ୍ରୋତରେ ଶିକ୍ଷା ଗ୍ରହଣ କରିପାରି ନଥିବା ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ମାଧ୍ୟମରେ ସେମାନଙ୍କୁ ଶିକ୍ଷା ପ୍ରଦାନ କରିବାର ନିଷ୍ପତ୍ତି ନେଇଛନ୍ତି ସରକାର। ଗଣଶିକ୍ଷା ବିଭାଗ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦଶମ ଶ୍ରେଣୀ ପରେ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କେଉଁସବୁ କ୍ଷେତ୍ରରେ ସୁଯୋଗ ରହିଛି ସେ ନେଇ ମଧ୍ୟ ଅବଗତ କରାଯାଇଛି।

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ସେ କୌଣସି ସମୟରେ ଜଣେ ସ୍ୱତନ୍ତ୍ର ଭାବେ ନାମ ଲେଖାଇ ପାରିବେ। ପାଞ୍ଚ ବର୍ଷ ଭିତରେ ପରୀକ୍ଷା ଦେବାକୁ ପିଲାମାନଙ୍କୁ ଏଠି ସୁଯୋଗ ପ୍ରଦାନ କରାଯିବ। ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ସମୟ ପରେ ରବିବାର ଓ ଛୁଟିଦିନ ମାନଙ୍କରେ ଶିକ୍ଷା ପ୍ରଦାନ କରାଯିବ। ଏଥିପାଇଁ ସର୍ବନିମ୍ନ ବୟସ ୧୪ ବର୍ଷ ହୋଇଥିବା ଆବଶ୍ୟକ। ରାଜ୍ୟ ମୁକ୍ତ ବିଦ୍ୟାଳୟ ନାମ ଲେଖା ଓ ପରୀକ୍ଷା ଦେୟ ରାଜ୍ୟ ସରକାର ଛାଡ଼ କରିଛନ୍ତି। ନାମ ଲେଖା ପାଇଁ ସର୍ବନିମ୍ନ ଚତୁର୍ଥ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ପିଲାମାନଙ୍କୁ ସ୍ୱାବଲମ୍ବୀ ହେବା ସହ ନିଜ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କର୍ମ ନିଯୁକ୍ତିର ସୁଯୋଗ କିଭଳି ସୃଷ୍ଟି କରାଯାଇପାରିବ ଏ ଦାୟିତ୍ୱ କେବଳ ସରକାରଙ୍କ ଉପରେ ନ୍ୟସ୍ତ କଲେ ଚଳିବ ନାହିଁ। କାରଣ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏପରି କ୍ଷେତ୍ରରେ ଆମ ସମସ୍ତଙ୍କର ଭୂମିକା ମଧ୍ୟ ଅପରିହାର୍ଯ୍ୟ ଓ ପ୍ରାସଙ୍ଗିକ।

♥ ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
(ମୋ) : ୯୪୩୭୨୪୨୩୧୭

# ସମନ୍ୱୟ ଓ ଧାରଣାର ପ୍ରତୀକ



## ଡକ୍ଟର ଲକ୍ଷ୍ମଣ ସାହୁ

ଯେତେବେଳେ ଜଣେ ମହାନ ନାୟକ (ହିରୋ) ଏକ ଅବତାର ହୋଇଯାନ୍ତି, ସେତେବେଳେ ତାଙ୍କ ଜୀବନର ସାଧାରଣ କାର୍ଯ୍ୟକଳାପ ଲୀଳାରେ ପରିଣତ ହୁଏ । ଲୀଳା ଅର୍ଥ ଯେ ସେ ଯାହା କରନ୍ତି ତାହା ସମୟ ଦ୍ୱାରା ବନ୍ଧା ନୁହେଁ । ସମୟ ମଧ୍ୟରେ ବନ୍ଧା ହେବା ହେଉଛି କାରଣ ଶୃଙ୍ଖଳା ଦ୍ୱାରା ବନ୍ଧା ହେବା । ସମୟ ପୂର୍ବରୁ ଯାହା ଘଟେ, ତାକୁ ତାହାର କାରଣ କୁହାଯାଏ, ଏବଂ ପରେ ଯାହା ଘଟେ ତାହା ପ୍ରଭାବ କୁହାଯାଏ । ଏଭଳି ଭାବରେ ଏହି ପରମ୍ପରା ମନୁଷ୍ୟକୁ ନିଜ ଅନୁଯାୟୀ ଗଢିବା ଆରମ୍ଭ କରେ । ଏହି କାରଣରୁ, ମଣିଷ ଆଉ ନିଜେ କିଛି କରିବାକୁ ମୁକ୍ତ ନୁହେଁ । ଏହି ଦାସତ୍ୱରୁ ମୁକ୍ତି ପାଇବାକୁ ଅସ୍ତିତ୍ୱର ଭାବ ବନ୍ଧନକୁ ଭାଙ୍ଗିବା କୁହାଯାଇଥାଏ । ଯିଏ ଏହା ଦ୍ୱାରା ବନ୍ଧା ନୁହେଁ, ସେ ହେଉଛି ଲିଳାଧର ଅବତାର । ବିଶ୍ୱାସ କରାଯାଏ ଯେ ତାଙ୍କର କର୍ମଫଳ ତାଙ୍କୁ ବାନ୍ଧେ ନାହିଁ, କିନ୍ତୁ ସେ ନିଜ ଇଚ୍ଛାରେ ନିଜ କାର୍ଯ୍ୟ ଦ୍ୱାରା ବନ୍ଧା ହେବାର ଛଳନା କରନ୍ତି । ଜଣେ ମଧ୍ୟ ନିଜ କର୍ମ ବା କାର୍ଯ୍ୟର ଫଳାଫଳ ଭାବରେ ସୁଖ ଓ ଦୁଃଖ ଅନୁଭବ କରେ । କିନ୍ତୁ ତାଙ୍କ ପାଇଁ ଏହା ବାସ୍ତବତା ନୁହେଁ, ଏହା ହେଉଛି ଅଭିନୟ। ସେଥିପାଇଁ ତାଙ୍କୁ ଲୀଳା ବା ଲୀଳା ପୁରୁଷ , ପୁରୁଷୋତ୍ତମ , ମୁଖ୍ୟ ନାୟକ କୁହାଯାଉଥିଲା ।

ଯେତେବେଳେ ଅବତାର ଓ ଲୀଳାର ଏହି ଧାରଣା ଅଣାଯାଇଥିଲା । ଏହାର ଉଦ୍ଦେଶ୍ୟ ଦର୍ଶାଇବା ଥିଲା ଯେ ଯଦି କେହି ଇଚ୍ଛା କରନ୍ତି, ତେବେ ଜୀବନକୁ ଅଭିନୟ ଏବଂ ମୃତ୍ୟୁକୁ ଲୀଳା ଭଳି ବିଚାର କରିପାରନ୍ତି । ସେ ଅହଂକାରରୁ ମୁକ୍ତ ହୋଇପାରିବେ ଓ ବୁଝି ପାରିବେ ଯେ ମୋ ଦ୍ୱାରା ଯାହା କିଛି କରାଯାଉଛି, ମୁଁ ତାହା କରି ନାହିଁ, ପ୍ରକୃତି ମୋତେ ତାହା କରିଛି । ଏହି ବୁଝମଣାକୁ ଜ୍ଞାନର ପଥ କୁହାଯାଉଥିଲା କିମ୍ବା ସେ ନିଜ କର୍ମ ବା କାର୍ଯ୍ୟର ପରିଣାମକୁ ନିଜ ମନରେ ଛାଡି ପାରନ୍ତି । ତା'ପରେ ସେ ଏହାର ପରବର୍ତ୍ତୀ ପରିଣାମ ବିଷୟରେ ଚିନ୍ତିତ ହେବେ ନାହିଁ । ଜୀବନରୁ ମୁକ୍ତ ହେବାର ଏହା ମଧ୍ୟ ଏକ ସରଳ ଉପାୟ ।

ଅବତାର ଅର୍ଥ ହେଉଛି ଯିଏ ପୂର୍ବରୁ ଜୀବନମୁକ୍ତ । ସମୟର ଚକ୍ର ବାହାରେ ଠିଆ ହୁଏ। କିନ୍ତୁ ସେ ସମୟ ପ୍ରବେଶ କରନ୍ତି । ତା'ପରେ ସେ ଏପରି ଏକ ଲୀଳା କରନ୍ତି ଯେ ଆମେ ଅନୁଭବ କରୁ ଯେ ସମୟର ଚକ୍ର କିମ୍ବା ଅସ୍ତିତ୍ୱର ବନ୍ଧନକୁ ଭାଙ୍ଗିବା ସମ୍ଭବ । ତେଣୁ ଏହାର ଉଦ୍ଦେଶ୍ୟ ସମସ୍ତଙ୍କୁ ସମୟ ବାହାରେ ଦେଖିବା ରାସ୍ତାରେ ନେବା । କିନ୍ତୁ କ'ଣ ହେଲା, ଅବତାର ପରି ଜୀବନ ବଞ୍ଚିବା ପରିବର୍ତ୍ତେ ଲୋକମାନେ ଅବତାର ନିୟନ୍ତ୍ରଣରେ ବୋଲି ବିଶ୍ୱାସ କରିବାକୁ ଲାଗିଲେ । ଯାହା ଫଳରେ ଭକ୍ତିବାଦ ଆମ ପାଖକୁ ଆସିଗଲା । ସମୟର ମୂଲ୍ୟବାନ ଦର୍ଶନକୁ ଅବତାର ପଛରେ ଠିଆ ହୋଇ ଅବତାରବାଦର ଅବକ୍ଷୟ କଲା ।

ପୁରାଣ ଉଲ୍ଲେଖିତ ଉଭୟ ରାମ ଏବଂ କୃଷ୍ଣ ଅବତାର ଭାବରେ ବିକଶିତ ହୋଇଥିଲେ । ସେମାନେ ଦୁଇଟି ଭିନ୍ନ ଦିଗରୁ ସମୟର ଚକ୍ରକୁ ଭାଙ୍ଗିବା ପାଇଁ ବାଟ ଖୋଲିଥିଲେ । ରାମ ସମୟ ଅତିକ୍ରମ କରିବା ପଥରେ ଜୀବନ ଦେଇ ଗଲେ ଏବଂ କୃଷ୍ଣ ସମୟଠାରୁ ଅଧିକ ଠିଆ ହୋଇ ଜୀବନରେ ଅବତରଣ କରିବା କାର୍ଯ୍ୟ ଜାରି ରଖିଲେ ।

ପୁରାଣର ଅର୍ଥ ହେଉଛି ପୁରୁଣା । ଯାହା ସବୁବେଳେ ସମୟ ସହିତ ନୂଆ ହୋଇଯାଏ । ଏହାର ଅର୍ଥ କିଛି ପୁରୁଣା ନୁହେଁ । ଯାହା ପୁରୁଣା, ତାହା କଦାପି ବିନଷ୍ଟ ହୁଏ ନାହିଁ। ଏହା ପ୍ରତିଦିନ ନୂଆ ହୋଇ ରହିଥାଏ । ପୁରୁଣା ନୂଆରେ ଲୁଚି ରହିଛି , ନୂଆ ପୁରୁଣା ମଧ୍ୟରେ ରହିଛି । ବେଦ, ଉପନିଷଦ ଓ ଶାସ୍ତ୍ରୀୟ ଦର୍ଶନ ସମୟରେ ଏହି ରହସ୍ୟଗୁଡ଼ିକୁ ବିସ୍ତୃତ ଭାବରେ ପ୍ରକାଶ କରିଥାଏ। ପୁରାଣ ଅବଧି ଏହା ପରେ । ତାହା ହେଉଛି, ଖ୍ରୀଷ୍ଟଙ୍କ ପ୍ରଥମ ଶତାବ୍ଦୀର ଟିକିଏ ପୂର୍ବରୁ ।

ସମୟ କିମ୍ବା ସମୟର ଏକ ଅତି ସୂକ୍ଷ୍ମ ବ୍ୟାଖ୍ୟା ବେଦ, ଉପନିଷଦ ଏବଂ ସଂହିତା, ଷଡଦର୍ଶନର ମିଳିଥାଏ । ବୋଧିସତ୍ୱ ସର୍ବାସ୍ତିବାଦ ତାଙ୍କୁ ଅଦ୍ଭୁତ ଅଦୃଶ୍ୟ ଉଚ୍ଚତାକୁ ନେଇ ଯାଇଥିଲେ। କିନ୍ତୁ ତାଙ୍କର ବିଶ୍ୱାସ ନାସ୍ତିକ ହୋଇଥିବାରୁ ବ୍ରାହ୍ମଣବାଦକୁ ସେ ଗ୍ରହଣ କରିପାରିଲେ ନାହିଁ । ତା'ପରେ ଭକ୍ତିବାଦ ଅବତାରବାଦକୁ ପଛରେ ପକେଇ ଭକ୍ତିବାଦରେ ପରିଚିତ ହେଲେ । ସେତେବେଳେ ଏହା ଏକ ସହଜ ଉପାୟ ଥିଲା । ତେଣୁ ଏହା ଶୀଘ୍ର ଲୋକପ୍ରିୟ ହେବାକୁ ଲାଗିଲା । ସେ ଅଷ୍ଟମ ଶତାବ୍ଦୀ ପରେ ଭାରତରେ ବୌଦ୍ଧ ଧର୍ମର ପ୍ରଭାବକୁ ଦୂର କରିବାରେ ସଫଳ ହୋଇଥିଲେ। ପରେ ଲେଖାଯାଇଥିବା ଭାଗବତ ପୁରାଣ ଲୋକଙ୍କ ହୃଦୟରେ ଏହି ଭକ୍ତି ଧର୍ମ ପ୍ରତିଷ୍ଠା କରିବାରେ ଅପାର ସଫଳତା ହାସଲ କଲା । ଏହି ପୁରାଣଗୁଡ଼ିକ ଅବତାର ଗାନକୁ ଏତେ ଗୁରୁତ୍ୱ ଦେଇଥିଲେ ଯେ ସର୍ଗୁଣ ଭକ୍ତିର ଗତିବିଧି ଭାରତରେ ଉତ୍ପନ୍ନ ହେଲା ।

ଏହି ପୁରାଣ ଲୀଳାରେ ରାମ ଏବଂ କୃଷ୍ଣଙ୍କର ଉପସ୍ଥିତ ସମୟର ଧାରଣା ଦୁଇ ପ୍ରକାରର । ରାମଙ୍କ ଅତୀତରେ ଅନ୍ତର୍ନିହିତ ସମୟର ଧାରଣା ବୌଦ୍ଧ ହୀନଯାନ ସହିତ ଅସ୍ପଷ୍ଟ ଥିବା ପରି ମନେହୁଏ । ଯେତେବେଳେ କୃଷ୍ଣଙ୍କର ସମୟ ଅତିବାହିତ ହୋଇ ସର୍ବାସ୍ତିବାଦ ନିକଟତର । ବୁଦ୍ଧ ଦର୍ଶନରେ ସମୟର ରହସ୍ୟ ବୁଝିଇବାକୁ, ଏହାକୁ ଏକ ପବିତ୍ର ନଦୀ ପ୍ରବାହ ସହିତ ତୁଳନା କରାଯାଇଛି । ନଦୀରେ ଦୃଶ୍ୟମାନ ହେଉଥିବା ଜଳ ପ୍ରତ୍ୟେକ ମୁହୂର୍ତ୍ତରେ ନୂଆ ହୋଇଥାଏ । ସମୟ ପ୍ରବାହରେ ଉପସ୍ଥିତ ଏକ ନୂତନ ମୁହୂର୍ତ୍ତ ଭାବରେ ମୃତ୍ୟୁକୁ ମଧ୍ୟ ବଞ୍ଚିବା ପାଇଁ ସେଠାରେ ନିର୍ବାଣ କୁହାଯାଉଥିଲା । ନାଗାର୍ଜୁନ ଏବଂ ଡିଙ୍ଗନାଗ ଏହି ମୁହୂର୍ତ୍ତକୁ ଏତେ ଗୁରୁତ୍ୱ ଦିଅନ୍ତି ଯେ ଏହା ଜୀବନର ରହସ୍ୟକୁ ଖୋଲିବା ଦ୍ୱାର ବଦଳିଯାଏ ।

ଏହି ଶୁଭ ଚିନ୍ତକମାନେ ସମୟଠାରୁ ଅଧିକ ବିଦ୍ୟମାନ ଥିବା ଶୂନ୍ୟ ସ୍ଥାନରେ ରହିବାକୁ କଥାବାର୍ତ୍ତା କରନ୍ତି, କ୍ଷଣକୁ ଶହ ଶହରେ ବିଭକ୍ତ କରନ୍ତି । କୃଷ୍ଣଲୀଳାରେ, ଶୂନ୍ୟସ୍ଥାନର ବିଶାଳତା ବିଶ୍ୱରୂପରେ ପରିଣତ ହେଲା । ଯେଉଁଠାରେ ଆବଶ୍ୟକତା ଅଛି, କୃଷ୍ଣ ସେଠାରେ ତାଙ୍କର ମହାନ୍ ରୂପ ପ୍ରକାଶ କରନ୍ତି । ତା'ପରେ ଦର୍ଶକ ଅନୁଭବ କରନ୍ତି ଯେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମେତ ସମୟର ପ୍ରବାହ ତୁରନ୍ତ ତାଙ୍କ ବିସ୍ତୃତ ବିଶ୍ୱରୂପରେ ଘଟିଛି । ଆଜି ମଧ୍ୟ ଆମେ ରାମ ଏବଂ କୃଷ୍ଣଙ୍କ ଅବତାର ନେବାରେ ବୌଦ୍ଧଧର୍ମ ଦର୍ଶନର ଆଧାର ଓ ଏହାର କ୍ଷଣବାଦ ବା କ୍ଷଣିକତାକୁ ଚିହ୍ନିପାରୁ । କିନ୍ତୁ ନିଷ୍କର୍ଷରେ କହିହେବ ଦୁର୍ଭାଗ୍ୟବଶତଃ ଆମର ଅବତାରବାଦ ପ୍ରତି ଥିବା ସେହି ଦାର୍ଶନିକ ଭୂମି ହରାଇ ବସିଛି..!!!


♥ ତାରା ନିଳୟ , ପ୍ଲଟ-୮୫୪/ଏ
ଚାଟେରା ଶବରସାହି, ମୁକୁନ୍ଦପ୍ରସାଦ,
ଖୋର୍ଦ୍ଧା- ୫୫
ମୋ: ୯୦୪୦୧୫୧୪୭୫

# ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ର. ପ୍ରାଣକୃଷ୍ଣ ପରିଜା

ସ୍ମୃତି କଥା

ଓଡ଼ିଶାର ଗର୍ବ ଓ ସ୍ୱାଭିମାନ କୁହାଯାଉଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହାରେ ରେଭେନ୍ସା ମହାବିଦ୍ୟାଳୟ ପରିସରରେ ଭୂମିଷ୍ଠ ହୋଇଥିଲା। ଜଣେ ଓଡ଼ିଆ ହୋଇ ଆନ୍ତର୍ଜାତିକ ଉଦ୍ଭିଦ ବିଜ୍ଞାନ ଗବେଷଣା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ରଖିଥିବା ପ୍ରଫେସର ପ୍ରାଣକୃଷ୍ଣ ପରିଜା ୧୯୪୩-୪୮ ପର୍ଯ୍ୟନ୍ତ ଏହାର ପ୍ରଥମ କୁଳପତି ଆସନ ଅଳଙ୍କୃତ କରିଥିଲେ। ପ୍ରଫେସର ପରିଜା ହିଁ ଓଡ଼ିଶାର ଏହି ପ୍ରଥମ ବିଶ୍ୱବିଦ୍ୟାଳୟର ଲାଳନପାଳନ ଦାୟିତ୍ୱ ତୁଲାଇ, ଏହାକୁ ପରିଣତ ଅବସ୍ଥାକୁ ଆଣିଥିଲେ। ବିଭିନ୍ନ ସମୟରେ ପ୍ରଫେସର ପରିଜା ତିନିଥର ଏହାର କୁଳପତି ପରି ଗୁରୁଦାୟିତ୍ୱ ନିର୍ବାହ କରିଥିଲେ ଯଦିଓ ଏହାପୂର୍ବରୁ ସେ ରେଭେନ୍ସା ମହାବିଦ୍ୟାଳୟର ଅଧକ୍ଷ ଥିଲେ। ଦାୟିତ୍ୱ ତୁଲାଇଥିଲେ ୧୯୩୮ରୁ ୧୯୪୫ ଯାଏ। ୧୯୨୧ରେ ସେ ରେଭେନ୍ସା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଭାବେ ଯୋଗଦେଇଥିଲେ। ୧୯୨୪ରେ ପ୍ରଫେସର ପରିଜାଙ୍କ ବଳିଷ୍ଠ ଉଦ୍ୟମ ଓ ଅଧ୍ୟବସାୟ ଦ୍ୱାରା ଏଠାରେ ଉଦ୍ଭିଦ ବିଜ୍ଞାନରେ ସ୍ନାତୋକସ୍ତରରେ ପାସ ପାଠ୍ୟକ୍ରମ ଖୋଲିଥିଲା ସେହିପରି ୧୯୩୦ରେ ଖୋଲିଥିଲା ଅନର୍ସ।

ପ୍ରଫେସର ପରିଜାଙ୍କ ଉଦ୍ୟମରେ ରେଭେନ୍ସା ସମଗ୍ର ଦେଶରେ ବିଶେଷ ସୁନାମ ଲାଭ କରିଥିଲା। ତାଙ୍କ କାର୍ଯ୍ୟକାଳରେ ରେଭେନ୍ସା ଛାତ୍ରାବାସରେ ଗୋପାଳନର ବ୍ୟବସ୍ଥା କରାଯାଇଥିଲା। ଏହା ଦ୍ୱାରା ଛାତ୍ରମାନେ ଅଳ୍ପ ମୂଲ୍ୟରେ ବିଶୁଦ୍ଧ ଗୋ-ଦୁଗ୍ଧ ପାଉଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏକଦା ସେ ଏହି ମହାବିଦ୍ୟାଳୟର ଛାତ୍ର ଥିଲେ। ତାଙ୍କ ସମୟରେ ରେଭେନ୍ସାରେ ବିଜ୍ଞାନରେ ସ୍ନାତକ ପାଠ୍ୟକ୍ରମ ନଥିଲା। ତେଣୁ କୋଲକାତା ବିଶ୍ୱବିଦ୍ୟାଳୟ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଆଦିରେ ଉଚ୍ଚ ଶିକ୍ଷା, ଗବେଷଣା ଆଦି କରିଥିଲେ ସୁଦ୍ଧା ପ୍ରଫେସର ପରିଜା ସରଳ ଜୀବନଯାପନ କରୁଥିଲେ। ସମୟାନୁବର୍ତ୍ତିତା ଥିଲା ତାଙ୍କର ଏକ ବଡ଼ ଗୁଣ। ସାହିତ୍ୟ ପ୍ରିୟ ଥିଲେ। ଓଡ଼ିଆ ଭାଷା, ସଂସ୍କୃତି ଆଦିର ଆଦର କରୁଥିଲେ। ଏପରିକି ଉଦ୍ଭିଦ ବିଜ୍ଞାନ ସଂପର୍କିତ ତଥ୍ୟ ବୁଝାଉଥିବା ବେଳେ ମଧ୍ୟ ଓଡ଼ିଆ ଢ଼ଗ-ଢ଼ମାଳି ବ୍ୟବହାର କରୁଥିଲେ। ଥରେ ଜଣେ ଛାତ୍ରକୁ ପଚାରିଲେ, 'ଆଗେ ବୁଣ, ପଛେ ବୁଣ, ଗର୍ଭଣାକୁ ଟୁଣଟୁଣର' ଅର୍ଥ କହ। ଛାତ୍ର ପାଟି ଆଁ କରି ଅନେଇରହିଲା। ପ୍ରଫେସର ପରିଜା ବୁଝାଇଦେଲେ ଗର୍ଭଣା ସଂକ୍ରାନ୍ତି ବେଳକୁ ଦିନ ଛୋଟ ହେଲେ, ଧାନରେ ଫୁଲ ହୁଏ।



ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ନିକଟବର୍ତ୍ତୀ ଇଛାପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ। ୧୯୭୮ ଜୁନ୍ ୨ ତାରିଖରେ ଏହି ମହାନ୍ ବିଜ୍ଞାନୀ ତଥା ଶିକ୍ଷାବିତ୍‌ଙ୍କ ଦେହାନ୍ତ ହୋଇଥିଲା।

ଆଲେଖ୍ୟ: ବିପିନ ବିହାରୀ ରାଉତ
♥ ତୁଳସୀପୁର, କଟକ

# ଏଚଏମଏସ୍ ନେତୃତ୍ୱରେ ଏସବିଆଇରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ନେଇ କେନ୍ଦ୍ରୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷୀକ ଆଲୋଚନା

ବ୍ରହ୍ମପୁର, ୧/୬ (ନି.ପ୍ର): ଭାରତ ବର୍ଷରେ ଥିବା ରାଷ୍ଟ୍ରାୟତ ବ୍ୟାଙ୍କମାନଙ୍କ ମଧ୍ୟରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହି ବ୍ୟବସାୟୀକ ବ୍ୟାଙ୍କ ବାର୍ଷିକ ହଜାର ହଜାର କୋଟି ଟଙ୍କା ଲାଭ କରୁଥିଲେ ମଧ୍ୟ ଏହି ବ୍ୟାଙ୍କ ଅଧିନରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ପାରିଶ୍ରମିକ ଅତି ନଗଣ୍ୟ ହୋଇଥିବାରୁ ଏହି ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ହିନ୍ଦ୍ ମଜଦୁର ସଭା (ଏଚଏମଏସ) ଓଡ଼ିଶା ରାଜ୍ୟ ଶାଖା ଉପସଭାପତି ରବି ରଥ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ଶ୍ରମ ବିଭାଗର ଡେପୁଟି ଶ୍ରମ କମିଶନର ପି.କେ. ରଣାଙ୍କ ଉପସ୍ଥିତିରେ ବ୍ୟାଙ୍କ କର୍ତ୍ତୃପକ୍ଷ, ଏସବିଆଇର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର ପଣ୍ଡା, ସ୍ୱାଗତ ପାଢ଼ୀ, ଏଚଏମଏସର ଉପସଭାପତି ରବି ରଥ ଓ ଆଉଟସୋର୍ସିଂ କର୍ମଚାରୀଙ୍କ ଉପସ୍ଥିତିରେ ତ୍ରିପାକ୍ଷୀକ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ଶ୍ରମ ବିଭାଗ ଅଧିକାରୀ ଶ୍ରୀ ରଣା ଆଉଟସୋର୍ସିଂ କର୍ମଚାରୀଙ୍କ ନିଯୁକ୍ତି ଦେଇଥିବା ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଚୁକ୍ତିନାମା ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଂଗଠନକୁ ପରାମର୍ଶ ଦେଇଥିଲେ ଏବଂ କର୍ମଚାରୀ ସଂଗଠନକୁ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କର୍ମଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ଏ ସମ୍ପର୍କରେ ସଂଗଠନ ପକ୍ଷରୁ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଶ୍ରମି କମିଶନର ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ସର୍ବନିମ୍ନ ମାସିକ ୩୦ ହଜାର ପାରିଶ୍ରମିକ ପ୍ରଦାନ, କର୍ମଚାରୀଙ୍କୁ ସିଧାସଳଖ ବ୍ୟାଙ୍କ ଜରିଆରେ ପ୍ରାପ୍ୟ ପ୍ରଦାନ, ଠିକା ସଂସ୍ଥାର ମାଲିକମାନଙ୍କ କବଳରୁ ମୁକ୍ତ କରାଯିବା, ସମାନ କାମକୁ ସମାନ ଦରମା, ଏସବିଆଇ ଶାଖାମାନଙ୍କରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଦରମା ଗୋଟିଏ ପ୍ରକାର ନିର୍ଦ୍ଧାରଣ କରାଯିବା, ଓଡ଼ିଶାର ୪ଟି ମ୍ୟୁନିସିପାଲ କର୍ପୋରେସନରେ କାର୍ଯ୍ୟରତ ଏସବିଆଇ ଆଉଟସୋର୍ସିଂ କର୍ମଚାରୀମାନଙ୍କ ଏକ ପ୍ରକାର ପ୍ରାପ୍ୟ ପ୍ରଦାନ କରାଯାଉ, ଶୃଙ୍ଖଳିତ ଓ ସଠିକ୍ ତାରିଖରେ ଇପିଏଫ୍ ଏବଂ ଇଏସଆଇ ପ୍ରାପ୍ୟରୁ କଟାଯିବା ପାଇଁ ସମସ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଉ, ପ୍ରତି ମାସରେ ଦରମା ପ୍ରଥମ ସପ୍ତାହ ମଧ୍ୟରେ ପ୍ରଦାନ କରାଯାଉ, ଠିକା ସଂସ୍ଥା ଜରିଆରେ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ଝାଡୁଦାର (ସଫେଇ କର୍ମଚାରୀ) ଭାବେ ନିଯୁକ୍ତି ଦିଆଯାଉଥିବା ବେଳେ ବ୍ୟାଙ୍କର ମେସେଞ୍ଜର ସହିତ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଉଛି । ତେଣୁ ଏହା ପାଇଁ ଅଧିକା କିଛି ପ୍ରାପ୍ୟ ପ୍ରଦାନ କରାଯାଉ ଇତ୍ୟାଦି ଉଲ୍ଲେଖ ରହିଛି । ଆଲୋଚନା ବେଳେ ଆଉଟସୋର୍ସିଂ କର୍ମଚାରୀ ସଂଗଠନ ପକ୍ଷରୁ ଗୁନାର ମହାନନ୍ଦ, ଉପେନ୍ଦ୍ର ଭୋଇ, ଦେବରାଜ ମଲିକ, ଦ୍ୱାରିକା ନାୟକ, ଘନଶ୍ୟାମ ସଙ୍ଗଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

# ରାସ୍ତା, ପାନୀୟ ଜଳ ସମସ୍ୟା ଓ ମହିଷାମଣ୍ଡା ଗ୍ରାମବାସୀଙ୍କ ଭୋଟ୍ ବର୍ଜନ ନିଷ୍ପତି

ବାଲେଶ୍ୱର, ୧/୬ (ନି.ପ୍ର): ସ୍ୱାଧୀନତାକୁ ୭୭ ବର୍ଷ ବିତିଯାଇଥିଲେ ବି ଆଜି ଯାଏ ମିଳି ପାରିଲା ନାହିଁ ସମାଜରେ ବଂଚି ରହିବା ନିମିତ ମୌଳିକ ଅଧିକାର। ଶେଷରେ ବାଧ ହୋଇ ୩୦ରୁ ଉର୍ଦ୍ଧ୍ୱ ପରିବାର ଆଜି ଭୋଟ ବର୍ଜନ କରିବାକୁ ନିଷ୍ପତି ନେଇଛନ୍ତି। ସୂଚନାରୁ ପ୍ରକାଶ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଡା ପଂଚାୟତର ଦକ୍ଷିଣ ଅଡା ୫ନଂ ୱାର୍ଡର ମହିଷାମଣ୍ଡା ଗ୍ରାମର ପ୍ରାୟତଃ ୩୦ରୁ ଉର୍ଦ୍ଧ୍ୱ ପରିବାର ଆଦିବାସୀ ସମ୍ପ୍ରଦାୟର । ଭୋଟର ସଂଖ୍ୟା ୨ଶହରୁ ଉର୍ଦ୍ଧ୍ୱ ହେବ। ଦୀର୍ଘ ଦିନ ହେବ ଏହି ଗାଁକୁ ରାସ୍ତାଟିଏ ନାହିଁ, ଖାଲି ସେତିକି ନୁହେଁ ପାଣି ପିଇବା ନିମନ୍ତେ ନିର୍ମାଣ ହୋଇଥିବା ପାଣି ଟାଙ୍କି ଅଛି ହେଲେ ବିଦ୍ୟୁତ ତାର କଟି ଯାଇଥିବାରୁ ପାଣି ମୁନ୍ଦେ ପାଇଁ ପାରୁ ନାହାଁନ୍ତି। ଅଙ୍ଗନବାଡି ଅଛି ହେଲେ ସେଥି ନିମନ୍ତେ ଆବଶ୍ୟକ ଗୃହ ନ ଥିବାରୁ କୁନି କୁନି ପିଲାମାନେ ବାରଉଳି ଶୁଣ୍ଡିପିଣ୍ଡା ହେବାକୁ ପଡୁଛି । ବହୁବାର ଏହି ଗାଁର ଆଦିବାସୀ ନେତା ଓ ରାଜନେତାଙ୍କୁ କହିଥିଲେ ବି ତାହା ସମାଧାନ ହୋଇ ପାରି ନାହିଁ । କେବଳ ପ୍ରତିଶ୍ରୁତିରେ ସୀମିତ ହୋଇ ରହି ଯାଇଛି । ରାଜ୍ୟରେ ଆଜି ଶେଷ ପର୍ଯ୍ୟାୟର ନିର୍ବାଚନ ଚାଲିଥିବା ବେଳେ ଏହି ଗାଁର ମହିଳା ଓ ପୁରୁଷ ଭୋଟର ମାନେ ଆଜି ଭୋଟ ବର୍ଜନ କରିବା ସହ ଯେତେଦିନ ପର୍ଯ୍ୟନ୍ତ ଏହି ଗାଁ ର ମୌଳିକ ସମସ୍ୟାର ସମାଧାନ ନ ହୋଇଛି । ସେତେଦିନ ପର୍ଯ୍ୟନ୍ତ ଭୋଟ ଦେବେ ନାହିଁ ବୋଲି ନିଷ୍ପତି ନେଇଛନ୍ତି।

# ଏନସିସିର ସିଏଟିସି ୨ର ସମାପନ ଉତ୍ସବ ଅନୁଷ୍ଠିତ

ଜୟପୁର, ୧/୬ (ନି.ପ୍ର): ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ପରିସରରେ ଏନସିସିର ସିଏଟିସି ୨ର ସମାପନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଆଇଜି ଶୈଳେଶ କୁମାର ଯୋଗ ଦେଇ କ୍ୟାଡେଟ ମାନଙ୍କୁ ଭଲ ମଣିଷ ଟିଏ ହେବା ପାଇଁ ଉଦବୋଧନ ଦେଇଥିେ। ଆଜି କ୍ୟାଡେଟ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏବଂ ବିଭିନ୍ନ କୃତି କ୍ୟାଡେଟମାନଙ୍କୁ ମୁଖ୍ୟ ଅତିଥି ମ୍ୟାଡେଲ ପ୍ରଦାନ କରିଥିଲେ । ଏହି କ୍ୟାମ୍ପ ଗତ ୨୪।୫।୨୪ ତାରିଖରୁ ଆରମ୍ଭ ହୋଇ ୯।୬।୨୪ ତାରିଖରେ ଶେଷ ହେବ । ଏହି ସମୟରେ କ୍ୟାଡେଟ ମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ଯଥା ଡ୍ରିଲ, ବନ୍ଧୁକ ପରିଚାଳନା, ମ୍ୟାପ ରିଡିଂ, ଏଫସିବିସି, ନାରି ଶସକ୍ତି କରଣ, ହେଲଥ ହାଇଜିନ, ଡିଜିଟାଲ ବ୍ୟାକିଂଙ୍ଗି, ସାଇବର ସିକ୍ୟୁରିଟି ବିଷୟରେ ଶିକ୍ଷା ପ୍ରଦାନ କରାଯାଇଛି । ଏହି କାଯ୍ୟକ୍ରମକୁ ମୁଖ୍ୟ ଅତିଥି ଉଚ୍ଚ ପ୍ରଶଂସା କରିଥିଲେ । କ୍ୟାମ୍ପ କମାଣ୍ଡେଂଟ ଏଲଟି କୋଲ ପ୍ରତି ରଞ୍ଜନ ଦାସ ସମସ୍ତ ସହ ଯୋଗ ପାଇଁ କ୍ୟାଡେଟ ଓ ସମସ୍ତ ଏନସିସି ଅଫିସର ସମସ୍ତ କର୍ମଚାରି ଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଟାବାଞ୍ଜି ରେଲୱେ ଷ୍ଟେସନରୁ ୩୭ କେ.ଜି. ୫୦୦ ଗ୍ରାମ ଗଞ୍ଜେଇ ଜବତ : ଅଭିଯୁକ୍ତ କୋର୍ଟଚାଲାଣ

ବଲାଙ୍ଗିର, ୧/୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ରେଲୱେ ଷ୍ଟେସନ୍ ରୁ ବେଆଇନ ଚୋରା ଚାଲାଣ ୩୭ କେ.ଜି. ୫୦୦ ଗ୍ରାମ ଗଞ୍ଜେଇ ଅବକାରୀ ବିଭାଗ ଦ୍ୱାରା ଜବତ କରାଯାଇଛି । ଚୋରା ଚାଲାଣ କରୁଥିବା ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନରେ କଂଟାବାଞ୍ଜି ରେଲୱେ ପ୍ଲାର୍ଟଫର୍ମ ନଂ.୧ରୁ ଜଣେ ବ୍ୟକ୍ତି ୩୭ କେ.ଜି. ୫୦୦ ଗ୍ରାମ ଗଞ୍ଜେଇ ଟ୍ରେନ୍ ଯୋଗେ ଚୋରା ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ କଂଟାବାଞ୍ଜି ଘଟଣାସ୍ଥଳରେ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ମଧ୍ୟପ୍ରଦେଶ ରାଜ୍ୟର ଅଗରମାଲୱା ଜିଲ୍ଲା ଶୁନସେର ଥାନା ଗର୍ଡା ନିବାସୀ ବିକ୍ରମ ସିଂ (୩୩) ବୋଲି ଜଣାପଡିଛି । କଂଟାବାଞ୍ଜି ଅବକାରୀ ଥାନା ଅଧିକାରୀ ପ୍ରବିଣ ସାହୁ, ଏ. ଏସ୍. ଆଇ. ଆର୍ତତ୍ରାଣ ବୋହିଦାର, କନେଷ୍ଟେବଲ୍ ମମତା ବେହେରା, ଆଶିଷ କୁମାର ପୁଟେଲ, ଦେବାର୍ଚ୍ଚନ ଭୁଏ ସହ ଆର. ପି. ଏଫ. କଂଟାବାଞ୍ଜି ଥାନା ଅଧିକାରୀ ଏବଂ ଅନ୍ୟମାନେ ଚଢଉରେ ସାମିଲ ଥିଲେ । କଂଟାବାଞ୍ଜି ଅବକାରୀ କେଶ ନଂ. ୩୫/ ୨୦୨୪-୨୫ ତା. ୦୧.୬.୨୦୨୪ ରୁଜୁ କରି ଶନିବାର ଦିନ ସ୍ଥାନୀୟ କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ସ୍ଥାନୀୟ ସବ୍ ଜେଲକୁ ପଠାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ସୂଚନା ମିଳିଛି ।

# ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଶ୍ୱ ପରିବେଶ ଦିବସ

ସମ୍ବଲପୁର, ୧/୬ (ନି.ପ୍ର): ବିଶ୍ୱ ପରିବେଶ ଦିବସ ଅବ୍ୟବହିତ ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ଏବଂ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଠେଲ୍‌କୋଲଇ ସ୍ଥିତ କମ୍ପାନୀ ନିକଟସ୍ଥ ସ୍କୁଲ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜମିର ପୁନଃରୁଦ୍ଧାର, ମରୁଭୂମି ଓ ମରୁଡ଼ିର ମୁକାବିଲା ଉପରେ ଆଧାରିତ ଏହି ପ୍ରତିଯୋଗିତାରେ ଲପଙ୍ଗା ସରସ୍ୱତୀ ଶିଶୁ ମଣ୍ଡଳ ଏବଂ ସରକାରୀ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନେ ଉପସ୍ଥିତ ରହି କମ୍ପାନୀର ପରିବେଶ ସୁରକ୍ଷା ଉଦ୍ୟମକୁ ପ୍ରଶଂସା କରିଥିବା ବେଳେ ଛାତ୍ରଛାତ୍ରୀମାନେ ଜୈବ ବିବିଧତାର ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ସ୍ଥିତିରେ ପରିବେଶ ସନ୍ତୁଳନତା ଏବଂ ସଂରକ୍ଷଣ ବିଷୟକୁ ଚିତ୍ରରେ ଅବତାରଣା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଇଣ୍ଡିଆ ମେଣ୍ଟର ବଡ଼ ...

କ୍ରମାଗତ ତୃତୀୟ ଥର ପାଇଁ କ୍ଷମତା ଦଖଲ କରିପାରିବ ନାହିଁ ବୋଲି ମତ ରଖିଛନ୍ତି। ବୈଠକ ପରେ ଖଡଗେ କହିଛନ୍ତି ଯେ "ଆମେ ସବୁ ଦଳର ନେତାମାନଙ୍କ ସହ ନିର୍ବାଚନର ପ୍ରଦର୍ଶନ ନେଇ ଆଲୋଚନା କରିଛୁ। ଆଲୋଚନାରୁ ସ୍ପଷ୍ଟ ହୋଇଛି ଯେ ଇଣ୍ଡିଆ ମେଣ୍ଟ ୨୯୫ରୁ ଅଧିକ ଆସନ ଜିତିବାକୁ ଯାଉଛି।" ଖଡଗେଙ୍କ ଭଳି ଆରଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ସମାନ କଥା କହିଛନ୍ତି। ସେ କହିଛନ୍ତି, "ଇଣ୍ଡିଆ ମେଣ୍ଟ ୨୯୫ରୁ ଅଧିକ ଆସନ ଜିତିବ। ସାଧାରଣ ନିର୍ବାଚନର ଫଳାଫଳ ଇଣ୍ଡିଆ ମେଣ୍ଟ ସପକ୍ଷରେ ଯିବ। ବିଜେପିର ୪୦୦ ପାର ନାରା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ହିଁ ଫେଲ ମାରି ସାରିଥିଲା।" ଇଣ୍ଡିଆ ମେଣ୍ଟ ଜିତିଲେ କିଏ ପ୍ରଧାନମନ୍ତ୍ରୀ ହେବେ ବୋଲି ପ୍ରଶ୍ନର ଉତ୍ତରରେ ତେଜସ୍ୱୀ କହିଛନ୍ତି, "ସେକଥା ପରବର୍ତ୍ତୀ ସମୟରେ ସମସ୍ତେ ମିଳିତ ଭାବେ ନିଷ୍ପତ୍ତି ନେବେ। ଆମେ ନିର୍ବାଚନ ଜିତିବାକୁ ଯାଉଛୁ।" ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ ବିଜେପି ଉତ୍ତର ପ୍ରଦେଶରେ ହାରିବାକୁ ଯାଉଛି। ରାଜ୍ୟର ଅଧିକାଂଶ ଲୋକସଭା ଆସନରେ ଇଣ୍ଡିଆ ମେଣ୍ଟ ଜିତିବାକୁ ଯାଉଛି ବୋଲି ସେ କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦାବି କରିଛନ୍ତି ଯେ ବିଜେପି ପ୍ରାୟ ୨୨୦ଟି ଆସନ ଜିତିବ। ସେ କହିଛନ୍ତି, "ଇଣ୍ଡିଆ ମେଣ୍ଟ ୨୯୫ରୁ ଅଧିକ ଆସନ ଜିତିବ। ବିଜେପି ଏକାକୀ ପ୍ରାୟ ୨୨୦ ଓ ଏନଡିଏ ଆସନ ସଂଖ୍ୟା ୨୩୫ରେ ସୀମିତ ରହିବ। ଇଣ୍ଡିଆ ମେଣ୍ଟ ଗୋଟିଏ ସଶକ୍ତ ଓ ସ୍ଥିର ସରକାର ନିଜ ବଳରେ ଗଠନ କରିବ। ଇଣ୍ଡିଆ ମେଣ୍ଟର ପ୍ରଧାନମନ୍ତ୍ରୀ ଚେହେରା ଜୁନ ୪ରେ ଘୋଷଣା କରାଯିବ।" ବୈଠକରେ ଆପ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କ ଠାରୁ ଆରମ୍ଭ କରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ, ସଞ୍ଜୟ ସିଂହ, ରାଘବ ଚଡ୍ଡା, ସିପିଏମର ସୀତାରାମ ୟେଚୁରୀ, ଏନସିର ଫାରୁକ ଅବଦୁଲ୍ଲା, ଏନସିପିର ଶରଦ ପାୱାର, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ଆରଜେଡିର ତେଜସ୍ୱୀ ଯାଦବ, ଝାରଖଣ୍ଡର କ୍ଷମତାସୀନ ଜେଏମଏମର କଳ୍ପନା ସୋରେନ ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ। ଏହାବାଦ ରାହୁଲ ଗାନ୍ଧି, ସୋନିଆ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ଭଦ୍ରା ମଧ୍ୟ ବୈଠକରେ ଉପସ୍ଥିତ ରହିଥିଲେ। ବିଜେପି ନେତୃତ୍ୱାଧୀନ ଏନଡିଏ ମ୍ୟାଜିକ ନମ୍ବର ୨୭୨ ଅତିକ୍ରମ କରିପାରିବ ନାହିଁ ବୋଲି କଂଗ୍ରେସ ଆଶା କରିଛି। ଏନଡିଏ ଅତିବେଶରୀର ୨୬୦ ଆସନ ଜିତିବାକୁ ସକ୍ଷମ ହେବ। ଏପରି ସ୍ଥିତିରେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ବିଜେପିକୁ ସରକାର ଠାରୁ ଦୂରେଇ ରଖିବାକୁ ରଣନୀତି କରୁଛନ୍ତି।

### ପ୍ରିଜାଇଡିଂ ଅଫିସର...

ଭୋଟରଙ୍କୁ କହୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହା ପରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନାଯୋଗ୍ୟ, ଆଜି ଭୋଟ୍ ବେଳେ କିଛି ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ତେବେ ଅପରାହ୍ନ ୩ଟା ସୁଦ୍ଧା ରାଜ୍ୟରେ ୪୯.୭୭% ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

### ଭୋଟ ବେଳେ ...

ହୋଇ ତଳେ ପଡ଼ି ଯାଇଥିଲେ। ତୁରନ୍ତ ତାଙ୍କୁ ବିଞ୍ଝାରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜ୍ୟରେ ଅନ୍ତିମ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ଖରା ସହ ଗୁଳିଗୁଳି ହେଉଛି। ଅତ୍ୟଧିକ ଗରମ ହେତୁ ଏପରି ଅଘଟଣ ଘଟିଥିବା ଆଲୋଚନା ହେଉଛି। ତେବେ ଈଶ୍ୱରଙ୍କର କିପରି ମୃତ୍ୟୁ ତାର ପ୍ରକୃତ କାରଣ ଜଣାପଡ଼ିନାହିଁ।

### ପୁରୀ ବାଣ ବିସ୍ଫୋରଣ ...

ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ପୁରୀ ଜିଲ୍ଲାପାଳ ପଦକ୍ଷେପ ନେଇଛନ୍ତି। ଏହି ଘଟଣାରେ ପ୍ରଥମେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ତା'ପରେ ଗତକାଲି ଆଉ ତିନି ଜଣଙ୍କର ମୃତ୍ୟୁ ଘଟିଥିଲା। ଆଜି ଆଉ ତିନି ଜଣଙ୍କର ମୃତ୍ୟୁ ଘଟିଛି। ଆଜି ସକାଳେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖଣ୍ଡିଆବନ୍ଧର ୬ ବର୍ଷର ଝିଅ ପ୍ରତୀକ୍ଷା ସାହୁଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବାପା ହେମନ୍ତ ସାହୁଙ୍କର ଗତକାଲି ମୃତ୍ୟୁ ହୋଇଥିଲା। ସେହିପରି ଆଜି ଭୋରରେ ବ୍ରହ୍ମଗିରିର ଅରଖକୁଦାର ୩୮ ବର୍ଷୀୟ ଶଙ୍କର ବେହେରାଙ୍କର ମୃତ୍ୟୁ ଘଟିଛି। କଟକ ବଡ଼ ଡାକ୍ତରଖାନାର ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ଭେଣ୍ଟିଲେଟରରେ ତାଙ୍କୁ ରଖା ଯାଇଥିଲା। ଗତ ୨୯ ତାରିଖରେ ପୁରୀରେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ଘଟିଥିଲା ଏହି ଅଘଟଣ। ସୂଚନା ଅନୁଯାୟୀ, ବାଣ ଫୁଟାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାହାକୁ ଅନୁମତି ଦିଆଯାଇ ନଥିଲା। ଲୋକେ ପରମ୍ପରା ଅନୁଯାୟୀ ବାଣି ଫୁଟାଇ ଥିଲେ। ତେବେ ବାଣ ଫୁଟାଇଲା ବେଳେ ଏକ ବାଣ ଗଦାରେ ନିଆଁ ପଡ଼ି ଯିବାରୁ ସେଗୁଡ଼ିକ ଫୁଟି ଯାଇଥିଲା ଓ ଏହି ଅଘଟଣ ଘଟିଥିଲା।

### କଲବଲ କରୁଛି ...

କାରଣରୁ ଲୋକଙ୍କ ପ୍ରାଣହାନୀ ଘଟୁଛି। କେବଳ ମେ ମାସରେ ୪୬ ଜଣଙ୍କର ମୃତ୍ୟୁ ଘଟିଲାଣି। ଦେଶର ଅଧିକାଂଶ ଅଞ୍ଚଳରେ ୪୬ରୁ ୫୦ ଡିଗ୍ରୀ ସେଲସିୟସ ମଧ୍ୟରେ ତାପମାତ୍ରା ରହୁଛି। ଅନେକ ଅଞ୍ଚଳରେ ମଧ୍ୟ ପାରଦ ୫୦ ଡିଗ୍ରୀ ପାର୍ କରିଯାଇଛି। ରାଜସ୍ଥାନ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପୂର୍ବ ମଧ୍ୟପ୍ରଦେଶ ଏବଂ ବିଦର୍ଭରେ ୪୫-୪୮ ଡିଗ୍ରୀ ସେଲସିୟସ ମଧ୍ୟରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଆଜି ପାଇଁ ପାଣିପାଗ ବିଭାଗ ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ର ଅନେକ ସ୍ଥାନରେ ଏବଂ ଉତ୍ତରାଖଣ୍ଡ, ପଞ୍ଜାବ, ଦିଲ୍ଲୀ, ପଶ୍ଚିମ ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ, ପୂର୍ବ ଉତ୍ତରପ୍ରଦେଶ ଓ ରାଜସ୍ଥାନର କେତେକ ସ୍ଥାନରେ ପ୍ରବଳ ଉତ୍ତାପ ହେବାର ପୂର୍ବାନୁମାନ କରିଛି। ଏସବୁ ମଧ୍ୟରେ ଆଇଏମଡି ଆଶ୍ୱସ୍ତିକର ଖବର ଦେଇଛି। ଆଗାମୀ ୪-୫ ଦିନ ମଧ୍ୟରେ ଉତ୍ତର-ପୂର୍ବ ଭାରତରେ ପ୍ରବଳରୁ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

### ପଦ୍ମଶ୍ରୀ ମାଗୁଣି ...

ଥିଲେ ମାଗୁଣି କୁଅଁର। ଏଥିପାଇଁ ବାରମ୍ବାର ତାଙ୍କୁ ମେଡିକାଲରେ ଭର୍ତ୍ତି ହେବାକୁ ପଡୁଥିଲା। ଆଜି ଭୋରରୁ ମାଗୁଣି କୁଅଁର ମୃତ୍ୟୁ ଘଟିଥିବା ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। କଣ୍ଢେଇ ନୃତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମାଗୁଣି କୁଅଁର। ସେଥିପାଇଁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାଗୁଣି କୁଅଁରଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ।ମାଗୁଣୀ କୁଅଁରଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ଶାନ୍ତି ଶୃଙ୍ଖଳାର ସହ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କଲେ ଜିଲ୍ଲାର ସଚେତନ ଭୋଟର

କେନ୍ଦ୍ରାପଡ଼ା, ୧/୬ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ର ଶେଷ ପର୍ଯ୍ୟାୟ ପ୍ରକ୍ରିୟା ଶେଷ ହୋଇଛି । ଜିଲ୍ଲାର ସଚେତନ ମତଦାତା ମାନେ ୫ବର୍ଷରେ ଥରେ ମିଳୁଥିବା ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଛନ୍ତି । ରିପୋର୍ଟ ଲେଖା ହେଲା ବେଳକୁ ଏକାଧିକ ବୁଥରେ ଭୋଟିଂ ପ୍ରକ୍ରିୟା ଚାଲିଥିବା ସୂଚନା ମିଳିଛି । ଭୋଟ ଦେବା ପାଇଁ ବହୁ ମତଦାତା ଏବେ ମଧ୍ୟ ଧାଡିରେ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ପତ୍ନୀ ଐସୂର୍ଯ୍ୟା ପ୍ରଦୀପ ଠାକେରେ ଙ୍କ ସହ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ବୁଥ ନଂ ୨୧୭ ରେ ପହଁଚି ଧାଡିରେ ଛିଡା ହୋଇ ନିଜର ମତ ଅଧିକାର ସାବ୍ୟସ୍ତ କରିଥିବା ଜଣାପଡିଛି। ସେହିଭଳି ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା, ଗୀତାଞ୍ଜଳୀ ସେଠୀ, ସିପ୍ରା ମଲିକ, ପ୍ରତାପ କଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, କୃଷ୍ଣ ପଣ୍ଡା, ରତିକାନ୍ତ କାନୁନଗୋ, ଦେବସ୍ମିତା ଶର୍ମା ପ୍ରମୁଖ ନିଜ ନିଜ ନିଜ ବୁଥରେ ଭୋଟ ଦେଇ ମତାଧିକାର ସାବ୍ୟସ୍ତ କରିଛନ୍ତି । ତେବେ ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରରେ ସଂନ୍ଧ୍ୟା ୫ଟା ସୁଦ୍ଧା ୫୯.୮୭ ଶତକଡା ଭୋଟିଂ ହୋଇଥିବା ସୂଚନା ମିଳିଛି। ତେବେ ସର୍ବାଧିକ ମହାକାଳପଡା ବିଧାନସଭା କ୍ଷେତ୍ରରେ ୬୧% ଭୋଟ ହେଇଥିବା ବେଳେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରେ ୫୮.୬୦ % ମତଦାତା ଭୋଟ ଦେଇଛନ୍ତି। ସେହିଭଳି ପାଟକୁରା ରେ ୬୦.୧୪, ଆଳିରେ ୬୦.୧୨, ରାଜନଗର ରେ ୫୯.୪୭ % ଭୋଟ ହୋଇଛି । ଲୋକସଭା କ୍ଷେତ୍ରରେ ମୋଟ୍ ୬୧.୯୬ % ଭୋଟ ହୋଇଥିବା ବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ୬୬.୬%, ସାଲେପୁର ରେ ୬୬.୮ %, ମହାକାଳପଡା ରେ ୬୧ %, ପାଟକୁରା ୬୦.୧୪ %, କେନ୍ଦ୍ରାପଡା ୫୮.୬୦%, ଆଳି ୬୦.୧୨% ଓ ରାଜନଗର ୫୯.୪୭ % ଭୋଟ ହୋଇଥିବା ଜଣାପଡିଛି । ତେବେ କାଁ ଭାଁ ଅଧିକ ଉତାପ ଯୋଗୁଁ ମେସିନ ସାମୟିକ ଭାବେ ଅଚଳ ହୋଇଯିବା କାରଣରୁ ଭୋଟଦାନ ପ୍ରକ୍ରିୟା ବାଧା ପାଇଥିଲେ ମଧ୍ୟ ପରବର୍ତୀ ଅବସ୍ଥାରେ ଏହାର ବିକଳ୍ପ ବ୍ୟବସ୍ଥା ତୁରନ୍ତ କରା ଯାଇଛି । ସେହିଭଳି କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ନୀଳକଣ୍ଠପୁର ପଂଚାୟତ ରେ ବିଜେଡି କର୍ମୀଙ୍କ ଛୁରା ମାଡରେ ବିଜେପି କର୍ମୀ ଗୁରୁତର ଆହତ ହୋଇଥିବା ଓ ଏନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ତେବେ ଚଳିତ ୨୦୨୪ ନିର୍ବାଚନ ଶନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଥିବା ଜଣାପଡିଛି। ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ବଜାୟ ରଖିବା ଓ ଶୃଙ୍ଖଳିତ ଭାବେ ଭୋଟ ଦାନ ପ୍ରକ୍ରିୟା ପରିଚାଳନା କରିବା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା ।

# ବିଦ୍ୟୁତ ଆଘାତରେ ନାବାଳକର ମୃତ୍ୟୁ ମାମଲା: ଆର୍ଥିକ ସହାୟତା ପାଇଁ ପ୍ରଶାସନର ଦ୍ୱାରସ୍ଥ

ଜୟପୁର, ୧/୬ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ବାଗ୍ରାଗୁଡାରେ ବିଦ୍ୟୁତ ଆଘାତରେ ଗତ ୨୫ ତାରିଖରେ ଜଣେ ନାବାଳକର ମୃତ୍ୟୁ ହୋଇଛି । ମୃତ ନାବାଳକ ଜଣକ ହେଉଛନ୍ତି ଗଣେଷ ଖରା (୮) । ଏନେଇ ମୃତ ନାବାଳକର ଅଜା ଜଗନ୍ନାଥ ଗଲରି ଆଜି ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆର୍ଥିକ ସହାୟକା ଯୋଗାଇ ଦେବା ପାଇଁ ସେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଗତ ୨୫ ତାରିଖରେ ଜୟପୁର ସଦର ଥାନା ଅନ୍ତର୍ଗତ ବାଗ୍ରାଗୁଡାର ଗଣେଷ ଖରା ବିଦ୍ୟୁତ ଆଘାତରେ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ତୁରନ୍ତ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ମୃତ ନାବାଳକର ମା ଶ୍ରମିକ ଭାବେ କାଯ୍ୟ କରିବାକୁ ଯାଇଥିବା ବେଳେ ଘରେ ଅଜା ପାଖରେ ନାବାଳକ ଜଣକ ଥିଲେ । ଏନେଇ ସୂଚନା ପାଇ ଜୟପୁର ସଦର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିଛି । ତୁରନ୍ତ ପ୍ରଶାସନ ମୃତ ନାବାଳକର ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ଗୋଟିଏ ଦିନରେ ୩ଟି ଅପମୃତ୍ୟୁ ମାମଲା ରୁଜୁ କଲା ସଦର ପୋଲିସ

ଜୟପୁର, ୧/୬ (ନି.ପ୍ର): ଗୋଟିଏ ଦିନ ରେ ୩ଟି ଅପମୃତ୍ୟୁ ମାମଲା ରୁଜୁ କଲା ଜୟପୁର ସଦର ପୋଲିସ । ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଆହାର କେନ୍ଦ୍ର ନିକଟରେ ଜଣେ ବକ୍ତିଙ୍କ ଶବ ଉଦ୍ଧାର କରିଛି । ମୃତ ବ୍ୟକ୍ତିଙ୍କର ପରିଚୟ ମିଳା ନାହିଁ । ମୃତ ବ୍ୟକ୍ତିର ବୟସ ପାଖା ପାଖି (୫୦) ହେବ । ସେହିପରି ଜୟପୁର ଭୁପତି ସାହିର ବି ଶ୍ରୀ ହରି (୫୫) କେନାଲରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିଲେ। ଆଜି ଦମକଳ ବାହୀନି ମୃତ ବ୍ୟକ୍ତିର ଶବକୁ କେନାଲର ଏକଟାଗୁଡା ନିକଟରେ ଉଦ୍ଧାର କରିଥିଲୋ ଏନେଇ ଜୟପୁର ସଦର ପୋଲିସ ଅପମୃତ୍ୟୁ ମାମଲା ରୁଜି କିର ତଦନ୍ତ ଆରମ୍ଭ କରିଛି । ସେହିପରି ସୁଣ୍ଡିଗୁଡାର କୃଷ୍ଣ ପାଇକ (୨୨) ଘରେ ବେକେର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଏନେଇ ଜୟପୁର ସଦର ପୋଲିସ ପହଂଚି ଶବକୁ ଜବତ କରିଛି । ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଭୋଟର, ନିର୍ବାଚନ ଅଧିକାରୀ ଏବଂ ସୁରକ୍ଷାକର୍ମୀଙ୍କ ପ୍ରତି କୃତଜ୍ଞତା ଜଣାଇଲେ ମନମୋହନ ସାମଲ

ଭୁବନେଶ୍ୱର, ୧/୬ (ନି.ପ୍ର): ଗଣତନ୍ତ୍ରର ସବୁଠୁ ବଡ ପର୍ବ "ସାଧାରଣ ନିର୍ବାଚନ-୨୦୨୪" ପାଇଁ ମତଦାନ ଶେଷ ହୋଇଛି । ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ଚଳିତ ସାଧାରଣ ନିର୍ବାଚନ ଫଳାଫଳ ଆସନ୍ତା ୪ ତାରିଖ ଦିନ ପ୍ରକାଶ ପାଇବ । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ରରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନର ପରିଚାଳନାକୁ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ସାକ୍ଷୀ ହୋଇଛନ୍ତି। ଓଡିଶାରେ ଏକକାଳୀନ ୧୪୭ଟି ବିଧାନସଭା ଏବଂ ୨୧ଟି ଲୋକସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଚଳିତ ନିର୍ବାଚନରେ ଭୋଟର ଭାଇଭଉଣୀମାନେ ଉତ୍ସାହର ସହ ସାମିଲ ହୋଇ ନିଜ ବହୁମୂଲ୍ୟ ମତ ସାବ୍ୟସ୍ତ କରିଛନ୍ତି । ଓଡିଶାରେ ଭୋଟ ଦେଇଥିବା ସମସ୍ତ ଭୋଟର ଭାଇଭଉଣୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବା ସହିତ ଭାରତୀୟ ନିର୍ବାଚନ ଆୟୋଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏବଂ ପରିଚାଳନା ଦାୟୀତ୍ୱରେ ଥିବା ସମସ୍ତ ଅଧିକାରୀ ଏବଂ ସୁରକ୍ଷା କର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଜେପି ରାଜ୍ୟ ସଭାପତି



ମନମୋହନ ସାମଲ । ଦେଶର ପ୍ରଧାନମନ୍ତ୍ରୀ ଭାବେ ପୁଣି ଥରେ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ ଏବଂ ରାଜ୍ୟ ରାଜନୀତିରେ ପରିବର୍ତ୍ତନର ସ୍ୱର ଓଡିଶାବାସୀଙ୍କ ଭିତରେ ସ୍ପଷ୍ଟ ପରିଲକ୍ଷିତ ହୋଇଛି । ବିଜେପି ସଂଖ୍ୟାଧିକ ଲୋକସଭା ଆସନ ସହିତ ବିଧାନସଭା ପାଇଁ ସ୍ପଷ୍ଟ ବହୁମତ ଆସନ ହାସଲ କରିବ । ଓଡିଶାରେ ବିଜେପିର ଡବଲ ଇଂଜିନ ସରକାର ଗଠନ ହେବ । ଓଡିଶାବାସୀଙ୍କ ଦୀର୍ଘ ଦିନର ଆଶା ଓ ଆକାଂକ୍ଷାକୁ ପୂରଣ କରିବ ବିଜେପି । ମୋଦିଙ୍କ ଗ୍ୟାରେଂଟିକୁ ଘରେ ଘରେ ପହଂଚାଇବା ସହିତ ଓଡିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ବିଜେପି ପ୍ରତିଶୃତିବଦ୍ଧ । ପ୍ରତ୍ୟେକଙ୍କୁ ପକ୍କାଘର, ବିଶୁଦ୍ଧ ପାନୀୟ ଜଳ, ବିଜୁଳି, ଖାଦ୍ୟାନ୍ନ ଭଳି ମୌଳିକ ସୁବିଧା ଯୋଗାଇବା ହେବ ଆମର ପ୍ରାଥମିକତା । ଓଡିଆ ଐତିହ୍ୟ, ଭାସ୍କର୍ଯ୍ୟ, କଳା, ସଂସ୍କୃତି ଓ ଅସ୍ମିତାକୁ ବିଶ୍ୱ ଦରବାରରେ ସମ୍ମାନିତ କରାଯିବ । ଓଡିଶାରେ ଚାଷୀ, ମହିଳା, ଯୁବକ ଏବଂ ଗରିବକଲ୍ୟାଣ ଯୋଜନାକୁ ସୁଦୃଢ କରାଯିବ । ଲୁଟେରାଙ୍କ ଭୁସ୍ୱର୍ଗ ପାଲଟିଥିବା ଲୁଟେରାଙ୍କ କବଳରୁ ଓଡିଶାକୁ ମୁକ୍ତ କରାଯିବ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ଭୟଙ୍କର ହେଲାଣି ଆସାମ ଓ ମଣିପୁରର ବନ୍ୟା ସ୍ଥିତି, ଗଲାଣି ୫୩ ଜୀବନ

ନୂଆଦିଲ୍ଲୀ, ୧/୬ : ଆସାମ ଓ ମଣିପୁରରେ ଲଗାଣ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ମୁଣ୍ଡ ନେବାରେ ଲାଗିଛି। ବନ୍ୟା ଜନିତ ଅଘଟଣରେ ଆଉ ୮ ଜଣଙ୍କ ଜୀବନ ଯାଇଛି। ଫଳରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୫୩ରେ ପହଞ୍ଚିଥିବା ପ୍ରଶାସନ କହିଛି। ଏବେ ବି ବନ୍ୟା ଯୋଗୁ ଅନେକ ଲୋକ ନିଖୋଜ ରହିଛନ୍ତି। ତେଣୁ ଆଗକୁ ମଧ୍ୟ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଦେଖାଯାଇଛି। ବେଙ୍ଗଲରେ ଲ୍ୟାଣ୍ଡଫଲ କରି ଦିଗ ବଦଳାଇଥିବା ବାତ୍ୟା ରେମାଲ ଯୋଗୁ ଆସାମ ଓ ମଣିପୁରରେ ପ୍ରବଳ ବର୍ଷା ହୋଇଥିଲା। ପ୍ରବଳ ବର୍ଷା ଯୋଗୁ ଆସିଥିବା ବନ୍ୟାରେ ଦୁଇ ରାଜ୍ୟର ପ୍ରାୟ ୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଅନେକ ଲୋଖଙ୍କ ଘର ବନ୍ୟା ପାଣିରେ ଭାସି ଯାଇଛି। ହେକ୍ଟରହେକ୍ଟର ଚାପେ ଜମିରେ ମଧ ବନ୍ୟା ପାଣି ମାଡ଼ି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମ ଓ ଅନ୍ୟ ଉତ୍ତରପୂର୍ବ ରାଜ୍ୟର ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ଏଥିସହ ରାଜ୍ୟକୁ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମୋଦି କହିଛନ୍ତି ଯେ କେନ୍ଦ୍ର ସରକାର ନିୟମିତ ଭାବେ ସ୍ଥିତିର ଯାଞ୍ଚ କରୁଛନ୍ତି ଓ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଅଧିକାରୀମାନେ କାମ କରୁଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବାତ୍ୟା ରେମାଲ ଯୋଗୁ ଆସାମ, ତ୍ରିପୁରା, ମଣିପୁର, ମେଘାଳୟା ଓ ମିଜୋରାମରେ ସୃଷ୍ଟି ହୋଇଥିବା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ପ୍ରଭାବିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହୋଇ ସେ ସ୍ଥିତିର ସମୀକ୍ଷା କରିଛନ୍ତି। ବନ୍ୟା ଯୋଗୁ ଆସାମରେ ୧୮୭ଟି ରିଲିଫ କ୍ୟାମ୍ପରେ ୨୮ ହଜାରରୁ ଅଧିକ ଲୋକ ଆଶ୍ରୟ ନେଇଛନ୍ତି। ସେହିପରି ଆଜି ଆସାମର ଚାଚରରେ ୩ ଜଣ, ହଇଲାକାଣ୍ଡିରେ ୨ ଜଣ ଓ ପଶ୍ଚିମ କାର୍ବି ଆଙ୍ଗଲଙ୍ଗରେ ଜଣଙ୍କ ମୃତ୍ୟୁ ହୋଇଛି। ୬ ଜଣ ମୃତକଙ୍କ ମଧ୍ୟରେ ୨ ଜଣ ଛୋଟ ପିଲା ରହିଛନ୍ତି। ଚାଚର ଓ ହାଇଲାଖଣ୍ଡିରେ ଏମାନଙ୍କର ମୃତ୍ୟୁ ହୋଇଛି। ଚାଚର ବନ୍ୟା ଯୋଗୁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଜିଲ୍ଲାର ପ୍ରାୟ ୧୫ ହଜାର ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି। ଏହାବାଦ ହୋଜାଇରେ ୫ ହଜାର ଓ କରିମଗଞ୍ଜରେ ୩ ହଜାର ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

# ଭୋଟ ଗ୍ରହଣ ପ୍ରକ୍ରିୟା ବିଳମ୍ବ ହେବାରୁ କେନ୍ଦ୍ରରେ ଉତ୍ତେଜନା



ଲଙ୍ଗଳେଶ୍ୱର , ୧/୬ (ନି.ପ୍ର): ୨୪ ସାଧାରଣ ନିର୍ବାଚନର ଅନ୍ତିମ ପର୍ଯ୍ୟାୟରେ ଭୋଟ ଗ୍ରହଣ ଆଜି କରାଯାଇଛି। ବାଲିଆପାଳ ବ୍ଲକରେ ବିଭିନ୍ନ ବୋଥରେ ବିଳମ୍ବିତ ଭୋଟ ଗ୍ରହଣକୁ ନେଇ ଭୋଟର୍ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୋଥ ନମ୍ବର ୨୦୫ ବୁଥ ରେ ୧୧୩୫ ଭୋଟର ,ବୋଥ ନମ୍ବର ୨୦୬, ବୁଥରେ ୮୨୬ ଭୋଟର ଏବଂ ବୋଥ ନମ୍ବର ୨୦୭ ବୁଥରେ ୧୩୨୩ ଭୋଟର ରହିଛନ୍ତି। ଏହି ତିନୋଟି ବୁଥ ରେ ମୋଟ ଭୋଟର ସଂଖ୍ୟା ୩୨୮୪ ରହିଛି।ବିଳମ୍ବିତ ଭୋଟ ଗ୍ରହଣ ଯୋଗୁ ଏହି ବୁଥ ମାନଙ୍କରେ ମଧ୍ୟାହ୍ନ ସୁଦ୍ଧା ପୋଲିଂ ହାର ଯଥେଷ୍ଟ କମ୍ ରହିଥିଲା ଓ ଲମ୍ୱା ଧାଡିରେ ଉଭୟ ପୁରୁଷ ଏବଂ ମହିଳା ମାନେ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିବାରୁ ଭୋଟର୍ ମାନେ ପାଟିତୁଣ୍ଡ କରିଥିଲେ ଓ ଅଭିଜ୍ଞତା ନଥିବା ପୋଲିଂ ପାର୍ଟି ଯୋଗୁଁ ଭୋଟ ଗ୍ରହଣ ପ୍ରକ୍ରିୟା ବିଳମ୍ବ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଉତ୍ୟକ୍ତ ଭୋଟର ମାନଙ୍କୁ ଜାମୁକୁଣ୍ଡା ଫାଣ୍ଡି ଅଧିକାରୀ ସୂର୍ଯ୍ୟ ନାରାୟଣ ନାୟକ ,ବି ଏଲ ଓ ରବିନ୍ଦ୍ର ମଣ୍ଡଳ, ରାମକୃଷ୍ଣ ସାହୁ, ସତ୍ୟବ୍ରତ ବର,ପ୍ରମୁଖ ବୁଝା ଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

# ନୀଳଗିରିରେ ମତଦାନ କଲେ ବାଲେଶ୍ୱର ଲୋକସଭାର ଦୁଇ ହେଭିୱେଟ୍ ନେତା ପ୍ରତାପ ଓ ଲେଖାଶ୍ରୀ





ନୀଳଗିରି , ୧/୬ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନ ୨୦୨୪ଉପଲକ୍ଷେ ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ନିଜର ମତ ସାବ୍ୟସ୍ତ କରିଛନ୍ତି ନୀଳଗିରି ମାଟିର ତଥା ବାଲେଶ୍ୱର ସଂସଦୀୟ କ୍ଷେତ୍ରର ଦୁଇ ପ୍ରତିଦ୍ୱନ୍ଦୀ ବିଜେପିର ଭେଟରାନ୍ ଲିଡର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବିଜେଡିର ଫାୟରବ୍ରାଣ୍ଡ ଲେଡି ଡ଼ଃ ଲେଖାଶ୍ରୀ ସାମନ୍ତ ସିଂହାର। ପ୍ରତାପ ଷଡ଼ଙ୍ଗୀ ଧୋବଶିଳା ପଞ୍ଚାୟତର ୯୩ନଂ ବୁଥରେ ପୂର୍ବାହ୍ନରେ ଭୋଟର ମାନଙ୍କ ସହିତ ଧାଡ଼ିରେ ଯାଇ ନିଜର ଭୋଟଦାନ କରିଥିଲେ। ପରେ ଭୋଟର ମାନଙ୍କୁ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ନିଜ ନିଜର ଭୋଟଦାନ କରିବାକୁ ଅପିଲ କରିଥିଲେ। ଅନୁରୁପଭାବେ ବିଜେଡିର ଫାୟର ବ୍ରାଣ୍ଡ ଲେଡି ତଥା ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଡ଼ଃ ଲେଖାଶ୍ରୀ ସାମନ୍ତ ସିଂହାର ନିଜ ଶଶୁର ଘର କାଂଶ ହାଇସ୍କୁଲ ସ୍ଥିତ ୧୫ନଂ ବୁଥରେ ଭୋଟରଙ୍କ ସହିତ ଲାଇନରେ ଯାଇ ଭୋଟ ଦେଇଥିଲେ। ପରେ ସମସ୍ତଙ୍କୁ ଏହି ସାମ୍ବିଧାନିକ ପର୍ବରେ ସାମିଲ ହୋଇ ଶତପ୍ରତିଶତ ଭୋଟଦାନ କରିବାକୁ ଅପିଲ କରିଥିଲେ। ସେହିପରି ନୀଳଗିରି ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ସୁକାନ୍ତ କୁମାର ନାୟକ କାଂଶ ପଞ୍ଚାୟତ ସଂଗ୍ରାମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ୧୭ନଂ ବୁଥରେ ଭୋଟ ଦେଇଥିବା ବେଳେ ବିଜେପି ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ଭଉଁରୀଆବାଡ ପଂଚାୟତ ଜଡିବାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ୭୭ନଂ ବୁଥରେ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ସେହିପରି ଅନ୍ୟ ବିଧାୟକ ପ୍ରାର୍ଥୀ ନିଜନିଜ ବୁଥରେ ମତଦାନ କରିଥିବା ସୂଚନା ମିଳିଛି।

# ସାଧାରଣ ନିର୍ବାଚନ – ୨୦୨୪ : ଉଦଳାରେ ଦୃଷ୍ଟାନ୍ତ ପାଲଟିଲେ ମହିଳା



ଉଦଳା , ୧/୬ (ନି.ପ୍ର): ଶାନ୍ତିଶୃଙ୍ଖଳାର ସହିତ ଆଜି ଜୁନ - ୦୧ ତାରିଖ ଶନିବାର ଦିନ ଉଦଳା ଠାରେ ସାଧାରଣ ନିର୍ବାଚନ - ୨୦୨୪ ପରିପ୍ରେକ୍ଷୀରେ ଭୋଟଦାନ କାର୍ଯ୍ୟ ସରିଯାଇଛି । ଏଥର ପ୍ରଥମ କରି ଉଦଳା ସହର ମଧ୍ୟରେ ଥିବା ଭୋଟଦାନ କେନ୍ଦ୍ର ଗୁଡ଼ିକ କେବଳ ମହିଳା ମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ମହିଳା ମାନେ ଶୃଙ୍ଖଳିତ ଢ଼ଙ୍ଗରେ ସମସ୍ତ କାର୍ଯ୍ୟ ତୁଲାଇଥିଲେ । ଫଳରେ କୌଣସି ସ୍ଥାନରେ ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା । ପୁରୁଷ ମାନଙ୍କ ଦ୍ୱାରା ଯାହା ସମ୍ଭବ ହେଉନଥିଲା ମହିଳା ମାନେ ତାହା କରି ଦେଖାଇଦେଇଥିବାରୁ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳିଛି । ବିଶେଷ କରି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟରତ ସମସ୍ତ ମହିଳା କର୍ମଚାରୀ ମାନଙ୍କୁ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି । ସେହିପରି ଭୋଟଦାନ ହାର ବଢ଼ାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ମହିଳା ମାନେ ଯେଉଁଭଳି ଭାବରେ ଦିନ ତମାମ ଅକ୍ଳାନ୍ତ ପରିଶ୍ରମ କରିଚାଲିଥିଲେ ଏହାର ପ୍ରଶଂସା ମଧ ବିଭିନ୍ନ ମହଲରେ ଶୁଣିବାକୁ ମିଳିଛି ।

## ଶାନ୍ତିପୂର୍ଣ୍ଣ ଭାବେ ସରିଲା ମତଦାନ

ଖଇରା, ୧/୬ (ନି.ପ୍ର): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ କାଁଭାଁ ଘଟଣାକୁ ଛାଡିଦେଲେ ୨୬୯ ବୁଥରେ ମତଦାନ ଶାନ୍ତପୂର୍ଣ୍ଣ ଭାବେ ଶେଷ ହୋଇ ଯାଇଛି । ଖଇରା ବ୍ଲକରେ ୧୦ଟି ବୁଥରେ ଓ ସିମୁଳିଆ ବ୍ଲକର ୧୧ଟି ବୁଥରେ ଇଭିଏମ ରେ ତୃଟି ଯୋଗୁଁ ମତଦାନ ବିଳମ୍ବରେ ଆରମ୍ଭ ହୋଇଥିଲା । ପାଖାପାଖି ୩୦ବୁଥରେ ୬ଟା ପରେ ମଧ୍ୟ ଭୋଟଦେବାକୁ ଲମ୍ୱାଧାଡି ଲାଗିଥିବାର ଦେଖିବାକୁ ମିଳିଥିଲା । ଏହି ଅବସରରେ ସ୍କୁଲ ପରିଚାଳନା କମିଟି ତରଫରୁ ମହତାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୋଟର ମାନଙ୍କୁ ଆକର୍ଷିତ କରିବାକୁ ବୁଥ କୁ ଫୁଲ ଓ ରଙ୍ଗୋଲିରେ ସଜା ଯାଇଥିଲା । ସଂଧ୍ୟା ୫ଟା ପର୍ଯ୍ୟନ୍ତ ୬୩ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି ।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ତାଳଚେର ଅଂଚଳ ପରିଦର୍ଶନ

ଭୁବନେଶ୍ୱର, ୧/୬ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର ତାଳଚେର ଅଂଚଳ ପରିଦର୍ଶନ କରି ରେଳବାଇ ଭିତିଭୂମି ବିକାଶ ଏବଂ ଟ୍ରାଫିକ ସୁବିଧା ସମେତ ତାଳଚେର ଅଂଚଳରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି । ମହାପ୍ରବନ୍ଧକଙ୍କ ଏହି ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ପ୍ରମୁଖ ଓ ବରିଷ୍ଠ ଅଧିକାରୀ ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍ ଏସ୍ ବଜୱା ପ୍ରମୁଖ ଉପସ୍ଥିତ ଥିଲେ। ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଭିତିଭୂମି କାର୍ଯ୍ୟର ସମୀକ୍ଷା କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସମାପ୍ତି ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମହାପ୍ରବନ୍ଧକ ମଧ ତାଳଚେର ଅଂଚଳରେ ରେଳବାଇ ସାଇଡିଙ୍ଗ ନିରୀକ୍ଷଣ କରି ଉନ୍ନତ ଟ୍ରାଫିକ ଗତିବିଧି ପାଇଁ ପରାମର୍ଶ ଦେଇଛନ୍ତି।

## ବାରିପଦାରେ ଲାଗୁ ହେଲା ୱାନ ୱେ ଟ୍ରାଫିକ

ବାରିପଦା, ୧/୬ (ନି.ପ୍ର): ଅଦ୍ୟ ଜିଲ୍ଲାରେ ନିର୍ବାଚନ ପ୍ରକ୍ରିୟା ସୁରୁଖୁରୁରେ ଚାଲୁଥିବା ବେଳେ, ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, ମୋଟର ଭେଇକିଲ ଆକ୍ଟର ଅଧିନିୟମ ୧୭୩ ଏବଂ ୧୧୫ ପ୍ରୟୋଗ କରି ବାରିପଦା ଠାରେ ୱାନ ୱେ ଟ୍ରାଫିକ ନିୟମ ଲାଗୁ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଆଜି ୭ମ ପର୍ଯ୍ୟାୟ ଭୋଟ ଗ୍ରହଣ କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତ ପୋଲିଙ୍ଗ ଅଧିକାରୀ ମାନେ ଇଭିଏମ ବାକ୍ସ ଏବଂ ଅନ୍ୟାନ୍ୟ ନିର୍ବାଚନ ସାମଗ୍ରୀ ସମସ୍ତ ନିଜ ସାଥିରେ ନେଇ ଆସୁଥିବାରୁ ସମସ୍ତ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେବାର ଆଶଙ୍କା ଅଛି। ଏଣୁ ଏଥି ନିମନ୍ତେ, ତକତପୁର ଛକ ଠାରୁ ଆରମ୍ଭ କରି ରଙ୍ଗମାଟିଆ ଛକ ପର୍ଯ୍ୟନ୍ତ ୱାନ ୱେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। କୌଣସି ଯାନବାହାନ ଏହି ରାସ୍ତା ଦେଇ ବୁଲାଣି ମାଧ୍ୟମ ରେ ଆସିପାରିବେ ନାହିଁ ବୋଲି ସୂଚନା, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱରାଜ ବେହେରାଙ୍କ ଠାରୁ ପ୍ରକାଶ। ସୂଚନା ଥାଉକି, ବାରିପଦା ସ୍ଥିତ ଏମପିସି ମହାବିଦ୍ୟାଳୟ ଏବଂ ଗୋପବନ୍ଧୁ ଶିକ୍ଷକ ଟ୍ରେନିଂ କଲେଜ ଠାରେ ଏହି ଇଭିଏମ ଡିପୋଜିଟ ହେବାର ବ୍ୟବସ୍ଥା କରାଯାଇଛି।

## ଭୋଟଦେବାକୁ ଆସି ଟଳି ପଡ଼ିଲେ ବୃଦ୍ଧ: ଅଧୁରା ରହିଲା ଭୋଟଦାନ



ନୀଳଗିରି, ୧/୬ (ନି.ପ୍ର): ଆଜି ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ଭୋଟଦାନ ଚାଲିଥିବା ବେଳେ ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଇଶ୍ୱରପୁର ୧୫୯ନଂ ବୁଥରେ ଭୋଟ ଦେବାକୁ ଆସିଥିବା ଜଣେ ୮୫ବର୍ଷୀୟ ବୃଦ୍ଧଙ୍କ ଜୀବନ ଯାଇଛି। ସୂଚନା ଅନୁଯାୟୀ ଇଶ୍ୱରପୁର ଅଞ୍ଚଳର ସୁରେନ୍ଦ୍ର ମହାନ୍ତି ନିଜ ସ୍ତ୍ରୀଙ୍କ ସହିତ ଭୋଟ ଦେବାପାଇଁ ବୁଥ ମଧ୍ୟରେ ପ୍ରବେଶ କରିସାରିଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ନିକଟସ୍ଥ ଇଶ୍ୱରପୁର ହସ୍ପିଟାଲ୍ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ ସୁରେନ୍ଦ୍ରଙ୍କ ସ୍ତ୍ରୀଙ୍କ କହିବା ଅନୁଯାୟୀ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଧାଡ଼ିରେ ଆସି ଭୋଟ ଦେବାକୁ କୁହାଯାଇଥିଲା। ବୃଦ୍ଧ ଜଣକ ଅସହ୍ୟ ଗୁଳୁଗୁଳି ସହିତ ବୟସ୍କ ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବାରୁ ଏଭଳି ଅଘଟଣ ଘଟିଥିବା ଉପସ୍ଥିତ ଭୋଟର ମାନେ ସୂଚନା ଦେଇଛନ୍ତି। ଅନୁରୂପଭାବେ ଆଉ ଜଣେ ବୃଦ୍ଧାଙ୍କ ଚେତା ଚାଲିଯାଇଥିବା ବେଳେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନିଆଯାଇ ଚିକିତ୍ସା ଚାଲିଥିବା ଖବର ମିଳିଛି।ତେବେ ବୃଦ୍ଧ ଜଣଙ୍କର ଭୋଟ ଦେବା ଅଧୁରା ରହିଗଲା ବୋଲି ଅଞ୍ଚଳବାସୀ କହିଛନ୍ତି।

## ଏସଏସବି ବାହିନୀ ଡ୍ରଗ୍ସ ସହିତ ଯୁବକଙ୍କୁ ଧରିଲେ

ସିଲିଗୁଡି, ୧/୬ (ନି.ପ୍ର): ସଶସ୍ତ୍ର ସୀମା ବଳ (ଏସସିବି) ର ୪୧ ତମ ବାଟାଲିୟନର ସୈନିକମାନେ ୩୫ ଗ୍ରାମ ମର୍ଫିନ ଥିବା ଏକ ଯୁବକଙ୍କୁ ଧରିଛନ୍ତି। ଯୁବକର ନାମ ମୁକୁଲ ରାୟ (୩୨) । ସେ ଗୌର ସିଂହଜୋଟର ବାସିନ୍ଦା । ଅଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଏସଏସବି ଗିରଫ ଯୁବକଙ୍କୁ ଶନିବାର ଖରିବାଡୀ ପୋଲିସ ଷ୍ଟେସନକୁ ହସ୍ତାନ୍ତର କରିଛି।
ଖରିବାଡୀ ପୋଲିସର ଗୁପ୍ତ ସୂଚନା ଅନୁଯାୟୀ, ଏସସିବିର ୪୧ ତମ ବାଟାଲିୟନ ସୈନିକମାନେ ଗତକାଲି ରାତିରେ ପାଣି ଟାଙ୍କିରେ ଲାଗିଥିବା ପ୍ରସାଦୁ ଜ୍ୟୋତ ମୋଡରେ ଜଣେ ଯୁବକଙ୍କୁ ସନ୍ଦେହରେ ଧରିଥିଲେ। କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

## ଭୋଟ ଦେଲେ ବିଜେପି ମୁଖପାତ୍ର ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ





ଖଇରା, ୧/୬ (ନି.ପ୍ର): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରା ବ୍ଲକରେ ଗଣତନ୍ତ୍ରର ଏହି ମହାନ୍‌ପର୍ବରେ ସାମିଲ ହୋଇଛନ୍ତି ବିଜେପି ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା । ଠାକୁର ଦାସ ୩୫ନମ୍ବର ଗଣ୍ଡିବେଡ ସରକାରୀ ହାଇସ୍କୁଲ ବୁଥରେ ନିଜର ମତଦାନ କରିବା ପରେ ସାମ୍ବାଦିକଙ୍କ ପ୍ରଶ୍ନରେ ଉତ୍ତର ରଖି ସମ୍ବିଧାନକୁ ସମ୍ମାନ ଜଣାଇ ଭାରତ ଭଳି ବିଶାଳ ଗଣତନ୍ତ୍ରରେ ଭୋଟଦାନକୁ ନେଇ ନିଜର ଖୁସି ଜାହିର କରିବା ସହ ଏଥର ଡବଲ ଇଞ୍ଜିନ ସରକାର ଗଠନକୁ କେହି ରୋକି ପାରିବେ ନାହିଁ ବୋଲି କହିଥିଲେ । ଯୁବ ଭୋଟରମାନେ ସରକାରୀ ଗଠନ ପ୍ରକ୍ରିୟାରେ ନିଜ ଭାଗିଦାରୀ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିଭଳି କାକୁଡିଆ ସରକାରୀ ୟୁପି ସ୍କୁଲର ୧୦ନମ୍ବର ବୁଥରେ ମତଦାନ ସାବ୍ୟସ୍ତ କରିଛନ୍ତି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା । ଏଥର ରାଜ୍ୟ ଓ କେନ୍ଦ୍ରରେ ପରିବର୍ତ୍ତନ ହେବ । ଏବଂ କଂଗ୍ରେସ ସରକାର ଗଠନ କରିବ ବୋଲି ଖବରଦାତା ମାନଙ୍କ ଆଗରେ ପ୍ରକାଶ କରିଥିଲେ ।

## ବାଣ ବିସ୍ଫୋରଣ ସ୍ଥାନ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧/୬ (ନି.ପ୍ର): ପୁରୀରେ ଚନ୍ଦନ ଯାତ୍ରା ସମୟରେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ହୋଇଥିବା ବାଣ ବିସ୍ଫୋରଣ ସ୍ଥାନ ପରିଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହାସହ ସେ ଅଘଟଣରେ ମୃତ୍ୟୁବରଣ କରିଥିବା ଲୋକ ମାନଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏସମ୍ପର୍କରେ ସୋସିଆଲ ସାଇଟ୍ ଏକ୍ସରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଲେଖିଛନ୍ତି ପୁରୀରେ ଚନ୍ଦନ ଯାତ୍ରା ସମୟରେ ନରେନ୍ଦ୍ର ପୁଷ୍କରିଣୀ ନିକଟ ଦେବୀଘାଟ ଠାରେ ବାଣ ବିସ୍ଫୋରଣ ଘଟିଥିବା ସ୍ଥାନ ପରିଦର୍ଶନ କଲି । ଅଘଟଣରେ ମୃତ୍ୟୁବରଣ କରିଥିବା ଲୋକ ମାନଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କଲି। ଏହି ଦୁଃଖଦାୟକ ଅଘଟଣରେ ହୋଇଥିବା କ୍ଷତିକୁ ଭରଣା କରାଯାଇପାରିବ ନାହିଁ । ମହାପ୍ରଭୁ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ।

## ଗ୍ରୀଷ୍ମପ୍ରବାହ ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟଶାସନ ସଚିବଙ୍କ ଅନୁରୋଧ

ଭୁବନେଶ୍ୱର, ୧/୬ (ନି.ପ୍ର): ଗତ କିଛିଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ କିଛି ଜିଲ୍ଲାରେ ଅତି ଅଧିକ ଅସହ୍ୟ ଗରମ ଓ ଗୁଳୁଗୁଳି ଲାଗି ରହିଛି।ଏହି ଅସ୍ୱାଭାବିକ ପରିସ୍ଥିତିରେ ଜନସାଧାରଣଙ୍କ ତରଫରୁ ସତର୍କତା ଅବଲମ୍ବନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ରାଜ୍ୟର ସମସ୍ତ ଜନସାଧାରଣ ତଥା ଭାଇଭଉଣୀମାନଙ୍କୁ ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଛନ୍ତି ଯେ, ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ତରଫରୁ ଏ ସମ୍ପର୍କରେ ବିଭିନ୍ନ ଉପଦେଶାବଳୀ ଦିଆଯାଇଛି। ସଂପ୍ରତି ଏହି ସମୟରେ ରାଜ୍ୟରେ ଉତାପ ଅଧିକ ରହେ, ଏଥିପାଇଁ ସମସ୍ତ ଜନ ସାଧାରଣ ଅତି ଉତପ୍ତ ସମୟ ମଧ୍ୟରେ, ସାଧାରଣତଃ ଦିନ ୧୦ଟା ବା ୧୧ଟାରୁ ଦିନ ୩ଟା ମଧ୍ୟରେ ଯେ କୌଣସି କାମ ଯଥା,ବ୍ୟକ୍ତିଗତ କାମ ହେଉ, କୌଣସି ଠିକାଦାରଙ୍କ କାମ ହେଉ ବା କୌଣସି ବାହାର କାମକୁ ଯିବାକୁ ନିବୃତ ରହିବାରଆ ବଶ୍ୟକତା ରହିଛି। ଯଦି ଅନିବାର୍ଯ୍ୟ କାରଣବଶତଃ ବାହାରକୁ କାମରେ ଯିବାକୁ ପଡୁଛି, ତେବେ ପାଖରେ ଛତା, ଯୋତା ବା ଚପଲ ବ୍ୟବହାର କରିବା, ସାଙ୍ଗରେ ପାଣି ବୋତଲ ଧରିବା, ତଉଲିଆ ବା ଓଦା ଗାମୁଛା ପକାଇଯିବାକୁ ସେ ଅନୁରୋଧ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ତରଫରୁ ଏଥିପାଇଁ ସମସ୍ତ ପ୍ରକାର ଜନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଆଜି ସେ ସମସ୍ତ ଜିଲ୍ଲାପାଳମାନଙ୍କ ସହିତ ଭିଡିଓ କନ୍ଫରେନ୍ସିଂ ଜରିଆରେ ବୈଠକ କରି ମାଇକିଂ(ଡାକବାଜିଯନ୍ତ୍ର) ଜରିଆରେ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷିତ ରହିବା ପାଇଁ ପ୍ରଚାରକୁ ବଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଡାକ୍ତରଖାନାଗୁଡ଼ିକୁ ପ୍ରସ୍ତୁତ କରି ରଖାଯାଇଛି। ରୌଦ୍ରତାପ ପ୍ରଭାବିତ ସ୍ଥିତିରେ ବା ଯଦି ଏଭଳି ଅସ୍ୱାଭାବିକ ତାପମାତ୍ରାରେ ପ୍ରଭାବିତ ଯଦି କେହି ସନ୍ଦିଗ୍ଧ ବ୍ୟକ୍ତି ଡାକ୍ତରଖାନାକୁ ଆସନ୍ତି, ତେବେ ତାଙ୍କର କିପରି ଚିକିତ୍ସା କରାଯିବ, ସେ ସଂପର୍କରେ ସବିଶେଷ ନିର୍ଦ୍ଦେଶ ଆଗରୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦିଆଯାଇଛି। ଗତ କିଛିଦିନରେ ମଧ ଡାକ୍ତରମାନଙ୍କ ସହିତ ଆଲୋଚନା କରାଯାଇଛି। ଡାକ୍ତରଖାନାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରି ରଖାଯାଇଛି । ଯଦି କୌଣସି କ୍ଷେତ୍ରରେ ଏପରି କୌଣସି ଅସୁସ୍ଥତା ଜନିତ ସନ୍ଦିଗ୍ଧ ବ୍ୟକ୍ତି ନିକଟସ୍ଥ ଡାକ୍ତରଖାନାରେ ପହଁଚନ୍ତି, ତେବେ ଡାକ୍ତରଖାନାରେ ତୁରନ୍ତ ସୁବିଧା ମିଳିପାରିବ ବୋଲି ସେ କହିଛନ୍ତି। ଏହି ଗ୍ରୀଷ୍ମ ପ୍ରବାହଜନିତ ଉତାପ ଆହୁରି କିଛିଦିନ ରହିବ ବୋଲି ପାଣିପାଗ ବିଭାଗ ତରଫରୁ ଅନୁମାନ କରାଯାଇଛି।ଏଣୁ ଆମେ ସମସ୍ତେ ସତର୍କତା ଅବଲମ୍ବନ କରିବା, ଅଯଥାରେ ଖରାରେ ବେଶୀ ସମୟ ବୁଲାବୁଲି କରିବାନାହିଁ, ଯୁବକମାନେ ମୋଟରସାଇକେଲ ବା ଗାଡ଼ିରେ ବୁଲାବୁଲି କରୁଥିଲେ ସାଙ୍ଗରେ ହେଲମେଟ୍, ପାଣି ରଖିବେ, ଓଦା ତଉଲିଆ ରଖିବେ ଓ ବ୍ୟବହାର କରିବେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo